### ସହରରୁ ହଟିଲା ବଡ଼ ଡଷ୍ଟବିନ୍; ସନ୍ଧ୍ୟାରେ ବୁଲିବ ଅଳିଆଉଠା ଗାଡ଼ି

# ନିଜ ଚତୁଃପାର୍ଶ୍ୱ ସଫା ନ ରଖିଲେ ହଜାରେ ଜରିମାନା

**ସମ୍ବଲପୁର, ୮ ।୧୧(ସମିସ)**

ସହରରେ ସ୍ୱଚ୍ଛତା ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଏସ୍ଏମସି ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିଲା। ଅଳିଆ ଉଠା ଗାଡ଼ି ଠିକ ଭାବେ ବିଭିନ୍ନ ସ୍ଥାନରୁ ଅଳିଆ ନେଉ ନଥିବାରୁ ଅଳିଆ ଗଦା ହୋଇ ପଡ଼ିରହୁଥିଲା। ସହରକୁ ସ୍ୱଚ୍ଛ ପରିମଳ ରଖିବା ନେଇ ଏସ୍ଏମସି ପକ୍ଷରୁ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ସହରର ବିଭିନ୍ନ ସ୍ଥାନରୁ ବଡ଼ ବଡ ଡଷ୍ଟବିନ୍‌କୁ ହଟାଯାଇଥିବା ଏସ୍ଏମ୍ସି ଆୟୁକ୍ତ ବେଦଭୂଷଣ କହିଛନ୍ତି। ବିଭିନ୍ନ ମଲ କିମ୍ବା କିଛି ସ୍ଥାନରେ ଏହି ଡଷ୍ଟବିନ୍ ଗୁଡିକ ରଖାଯାଇଥିଲା। କିନ୍ତୁ ଲୋକେ ଡଷ୍ଟବିନରେ ଅଳିଆ କମ ବାହାରେ ଅଧିକ ପକାଉଥିଲେ। ଫଳରେ ଉକ୍ତ ଅଞ୍ଚଳ ପ୍ରଦୂଷିତ ହେଉଥିଲା। ବଜାର ଅଞ୍ଚଳରେ ଏଥର ଦୁଇ ବେଳ ଅର୍ଥାତ ସକାଳ ଓ ସନ୍ଧ୍ୟାରେ ଅଳିଆ ଉଠାଇବା ପାଇଁ ଗାଡ଼ି ବୁଲିବ। ଛୋଟ ଡଷ୍ଟବିନରେ ଲୋକେ ଅଳିଆ ଜମା କରି ଅଳିଆ ବୋଝେଇ ଗାଡ଼ିରେ

**ଏପ୍ରିଲ ପହିଲାରୁ ପେପର କପ୍ ବ୍ୟାନ୍**

ପକାଇବେ। ଛୋଟ ଦୋକାନୀ ହେଉ କି ବଡ ବ୍ୟବସାୟୀ ଓ ଘରେ ମଧ୍ୟ ସମସ୍ତେ ଦୁଇଟି ଡଷ୍ଟବିନ ବ୍ୟବହାର କରିବାକୁ ବାଧ ହେବ। ନୀଳ ରଙ୍ଗରେ ଶୁଖା ଓ ସବୁଜ ରଙ୍ଗ ଡଷ୍ଟବିନରେ ଓଦା ଅଳିଆ ପକାଇବେ। ପୂର୍ବରୁ ଗୋଟେ ସ୍ଥାନରେ ଅଳିଆ ପକାଉଥିବାରୁ ୱେଲନେସ ସେଣ୍ଟରକୁ ଅଳିଆ ଠିକ ଭାବେ ଯାଇ ପାରୁନଥିଲା। ଘର କିମ୍ବା ଦୋକାନର ୫ ମିଟର ଭିତରେ ଚତୁଃପାର୍ଶ୍ୱକୁ ସଫା ରଖିବାକୁ ହେବ। ଏଥିରେ ଖିଲାପ ହେଲେ ୧୦୦୦ ଟଙ୍କା ଜରିମାନା ଦେବାକୁ ହେବ ବୋଲି କହିଛନ୍ତି। ଯେଉଁ ସ୍ଥାନରୁ ଡଷ୍ଟବିନ୍ ହଟାଇ ଦିଆଯାଇଛି, ସେଠାରେ ଅଳିଆ ନ ପକାଇବାକୁ ଏସ୍ଏମସି ପକ୍ଷରୁ ସଚେତନ କରାଯିବ। ସଫେଇ ଏନ୍‌ଫୋର୍ସମେଣ୍ଟ ଟିମ୍ ମାଧ୍ୟମରେ ସମସ୍ତ କାର୍ଯ୍ୟକୁ ତଦାରଖ କରାଯିବ। ଅନ୍ୟପକ୍ଷରେ ଆସନ୍ତା ଏପ୍ରିଲ ପହିଲାରୁ ସହରରେ ଆଉ ପେପର କପର ବ୍ୟବହାର ହେବ ନାହିଁ। ଦେକାନୀମାନେ ପେପର କପ ବଦଳରେ ଷ୍ଟିଲ, କାଚ ଓ ମାଟି କପ ବ୍ୟବହାର କରି ପାରିବେ ବୋଲି ଆୟୁକ୍ତ ସୂଚନା ଦେଇଛନ୍ତି। ସହରରେ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବାକୁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।




### 'ଆୟ ଅଭିବୃଦ୍ଧି ପାଇଁ ଯୋଜନାକୁ ବୁଝିବା ଦରକାର'

# ଓଟିଇଏଲ୍‌ପି ପ୍ଲସ୍ ପକ୍ଷରୁ ସାମଗ୍ରୀ ବଣ୍ଟନ

**କୁଚିଣ୍ଡା, ୮ ।୧୧(ସମିସ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଆଇଟିଡିଏ(ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା) ଆନୁକୂଲ୍ୟରେ ଓଟିଇଏଲପି ପ୍ଲସ(ଓଡ଼ିଶା ଅନୁସୂଚିତ ଜନଜାତି ସଶକ୍ତିକରଣ ଜିବୀକା ନିର୍ବାହ କାର୍ଯ୍ୟକ୍ରମ) ପକ୍ଷରୁ ଶୁକ୍ରବାର ହିତାଧିକାରୀଙ୍କ ଆୟ ଅଭିବୃଦ୍ଧି ନିମନ୍ତେ ବିଭିନ୍ନ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇଟିଡିଏ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରକଳ୍ପ ପ୍ରଶାସକ କୁଚିଣ୍ଡା ହେମସାଗର ଭୋଇ ଅଧ୍ୟକ୍ଷତା କରି ଅନୁସୂଚିତ ଜନଜାତିଙ୍କ କଲ୍ୟାଣ ପାଇଁ ଏହି ଯୋଜନା ଉଦ୍ଦିଷ୍ଟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁସୂଚିତ ଜନଜାତିର ହିତାଧିକାରୀ ମାନେ ପ୍ରଥମେ ଯୋଜନା ସମ୍ପର୍କରେ ଭଲଭାବେ ଅବଗତ ହୋଇ କାମକଲେ ନିଶ୍ଚିତ ଭାବେ ତାଙ୍କର ଆୟ ଅଭିବୃଦ୍ଧି ହେବ ବୋଲି କହିଥିଲେ।ପରେ ଆଦିବାସୀ ବ୍ୟକ୍ତି ବିଶେଷ ଓ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଆୟ ଅଭିବୃଦ୍ଧି ଲାଗି ବିଭିନ୍ନ ସାମଗ୍ରୀ ବଣ୍ଟନ କରିଥିଲେ। ଏଥିରେ କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକରୁ ୧୨ ଜଣଙ୍କୁ ସିଲେଇ ମେସିନ, ୪ଜଣଙ୍କୁ ସାଇକଲ ଓ ମୋଟରସାଇକଲ ମରାମତି, ୫ଜଣଙ୍କୁ ବଢେଇ, ୪ଜଣଙ୍କୁ ବୈଦ୍ୟୁତିକ ମରାମତି, ୫ଜଣଙ୍କୁ ଜଳଖିଆ କେନ୍ଦ୍ର, ୩ ଜଣଙ୍କୁ ଲେଡିଜ କର୍ଣ୍ଣର ଏବଂ ୪ଜଣଙ୍କୁ ଜେରକ୍ସ ୟୁନିଟ୍ ପାଇଁ ସାମଗ୍ରୀ ବଣ୍ଟନ କରାଯାଇଛି। ସେହିପରି ୫ଟି ଏସ୍ଏଚଜିକୁ ମୁଢ଼ିମିଲ ମେସିନ, ଗୋଟିଏ ଏସ୍ଏଚଜିକୁ ଧାନ ପେସା କଳ, ଗୋଟିଏ ଏସ୍ଏଚ୍‌ଜିକୁ ମଲଟି ପର୍ପୋଜ ପ୍ରୋସେସିଂ ୟୁନିଟ୍, ୬ଟି ଏସଏଚଜିକୁ ପେପର ପ୍ଲେଟ ତିଆରି ମେସିନ, ୧୨ଟି ଏସଏଚଜିକୁ ଟେଣ୍ଟ, ୮ଟି ଏସ୍ଏଚଜିକୁ ଟେଲରିଂ ୟୁନିଟ, ଗୋଟିଏ ଏସ୍ଏଚ୍‌ଜିକୁ ତେଲପେଢ଼ା ୟୁନିଟ୍ ପାଇଁ ସାମଗ୍ରୀ ବଣ୍ଟନ କରିଥିଲେ।ଏଥିରେ ସହଯୋଗୀ ଅନୁଷ୍ଠାନ ସମ୍ବଲପୁର ସିଡି ସମ୍ପାଦକ ଅଭିରାମ ପାଣିଗ୍ରାହୀ ଏବଂ ସୁନ୍ଦରଗଡ଼ ସେୱୋକ ଚେୟାରମ୍ୟାନ୍ ଅମିୟ ନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଓଟିଇଏଲପି ପ୍ଲସ୍ ପ୍ରୋଗ୍ରାମ ମ୍ୟାନେଜର ମାନସ ସାହୁ, ପିଓସିବି ରଘୁନାଥ ସାହୁ, କୃଷି ଅଫିସର ସତ୍ୟସୁରଭିତ ପଣ୍ଡା, ଡବ୍ଲୁଡିଓ ମନୋଜ ଟୁଙ୍ଗଙ୍କ ସମେତ କୁଚିଣ୍ଡା, ଜମନକିରା ଓ ବାମରା ବ୍ଲକର ସିଡି ଏବଂ ବାମରା ସେୱେକ କ୍ଲଷ୍ଟରର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ବିଜେପିରେ ମିଶି ନାହାନ୍ତି ବିଜେଡି ସରପଞ୍ଚ, ସମିତି ସଭ୍ୟ



**ରେଢ଼ାଖୋଲ, ୮ ।୧୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ବିଜେଡ଼ି କାର୍ଯ୍ୟାଳୟ ଠାରେ ଶୁକ୍ରବାର ଦିନ ରେଢ଼ାଖୋଲ ବିଜେଡି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଦିନ ସମ୍ବଲପୁର ଠାରେ ବିଜେପି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ କିଛି ବିଜେଡ଼ି ସରପଞ୍ଚ ସମିତି ସଭ୍ୟ ବିଜେପି ଦଳରେ ଯୋଗ ଦେବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହା ସମ୍ପୂର୍ଣ୍ଣ ମିଥ୍ୟା ପ୍ରଚାର ବୋଲି ସାମ୍ବାଦିକ ସମ୍ମିଳନୀରେ ବିଜେଡି ପକ୍ଷରୁ ଦର୍ଶାଯାଇଛି। ମିଶ୍ରଣ ପର୍ବରେ ଯେଉଁ ସରପଞ୍ଚ ସମିତି ସଭ୍ୟ ଯୋଗ ଦେଲେ ସେମାନେ ପୂର୍ବରୁ ବିଜେପି ଦଳରେ ରହି ଗତ ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କ ପାଇଁ ନିର୍ବାଚନୀ ପ୍ରଚାର କରିଥିଲେ। ସେମାନଙ୍କୁ ବିଜେପିର ଉପସ୍ଥିତ ନେତାଙ୍କୁ ଖୁସି କରିବା ପାଇଁ ପୁଣି ବିଜେପିରେ ସାମିଲ କରି ଅଭିନୟ କରିଥିଲେ। ଏହି ମିଶ୍ରଣ ପର୍ବରେ ବିଜେଡିର କୌଣସି ସରପଞ୍ଚ, ସମିତି ସଭ୍ୟ କିମ୍ବା ବିଜେଡି ପଦାଧିକାରୀ ଯୋଗ ଦେଇନାହାଁନ୍ତି। ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ବିଜେଡି ଦଳ ଗଠନ ହେବା ପରେ ହୋଇଥିବା ସମସ୍ତ ନିର୍ବାଚନରେ ବିଜେଡ଼ି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଏବଂ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ଦୃଢ଼ ନେତୃତ୍ୱକୁ ସମ୍ମାନ ଦେଇ ଆସିଛି। ଆଗାମୀ ଦିନରେ ଦଳ ଅଧିକ ଶକ୍ତିଶାଳୀ ଦେବ ବୋଲି ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଦର୍ଶାଇ ଯାଇଛି।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



**ରେଢ଼ାଖୋଲ, ୮ ।୧୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଯୁବକ ସଂଘ ପକ୍ଷରୁ ଯୁଯୁମୁରାସ୍ଥିତ ଦେବଝରଣ ଠାରେ ବନ୍ଧୁମିଳନ ସହିତ ଅବସରପ୍ରାପ୍ତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମ ଟୁନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଅବସର ଗ୍ରହଣ କରିଥିବା ସରକାରୀ ପ୍ରଧାନଶିକ୍ଷକ ପିଠଉଗୁଡ଼ା ଗ୍ରାମର ବାସିନ୍ଦା ଲବ କିଶୋର ପ୍ରଧାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।ସଭାକୁ ବରିଷ୍ଠ ସାମ୍ବାଦିକ ରମାକାନ୍ତ ମହାନନ୍ଦ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱ ରଞ୍ଜନ ପ୍ରଧାନ, ଶୁଭ୍ରାଂଶୁ ମିଶ୍ର, ଅକ୍ଷୟ ନାୟକ, ବରୁଣ ସାହୁ, ସ୍ୱାଧୀନ ରାଉଳ, ବିଶ୍ୱ ସାହୁ, ସୁକାନ୍ତ ମହାକୁଡ଼, ରମାକାନ୍ତ ପ୍ରଧାନ, ପରୀକ୍ଷିତ ଦାସ ସମେତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଦୁର୍ଘଟଣା ପରେ ଚକ୍ଷୁଦାନ

**ସମ୍ବଲପୁର, ୮ ।୧୧ (ସମିସ):** ବୌଦ୍ଧନିବାସୀ ୧୯ ବର୍ଷର ଯୁବକ କ୍ରିଷ୍ଣା ଅଗ୍ରୱାଲ କାର୍ ଦୁର୍ଘଟଣାରେ ଗଭୀର ଆଘାତପ୍ରାପ୍ତ ହୋଇ ସମ୍ବଲପୁର ବିକାଶ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଡାକ୍ତରମାନଙ୍କ ଅକ୍ଲାନ୍ତ ପ୍ରଚେଷ୍ଟା ସତ୍ତ୍ୱେ ଦେହାନ୍ତ ହୋଇଯାଇଥିଲା। ତାଙ୍କର ଚକ୍ଷୁ ସଂଗ୍ରହ ପାଇଁ ପରିବାର ସ୍ୱେଚ୍ଛାକୃତ ଚକ୍ଷୁଦାନ ସଂସ୍ଥା 'ଜ୍ୟୋତି' ଅନୁଷ୍ଠାନ ସହ ଯୋଗାଯୋଗ କରିଥିଲେ। ଜ୍ୟୋତି ଅନୁଷ୍ଠାନର ଯୋଗାଯୋଗକ୍ରମେ ବୁର୍ଲା ଚକ୍ଷୁବ୍ୟାଙ୍କର ଡାକ୍ତର ଗୁରୁଦେବ ବିଶି ଓ ଚକ୍ଷୁ ସଂଗ୍ରହ ଉପଦେଷ୍ଟା ସୁରେଶ ଚନ୍ଦ୍ର ତ୍ରିପାଠୀ ଆସି ଚକ୍ଷୁ ସଂଗ୍ରହ କରଥିଲେ। ଚକ୍ଷୁ ସଂଗ୍ରହରେ ଅନୁଷ୍ଠାନର ସଭାପତି ଡ.ପରେଶ ଚନ୍ଦ୍ର ଦାନୀ, ଉପସଭାପତି ଅଖିଳ ରଞ୍ଜନ ପଟ୍ଟନାୟକ ଏବଂ ବିକାଶ ହସ୍ପିଟାଲର ଡାକ୍ତର ଅନିଲ ମାଝୀ, ଡାକ୍ତର ଏ ଲତିଫ, ଦିଲ୍ଲୀପ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ। ଏପରି ଦୁଃଖଦ ସମୟରେ ମଧ୍ୟ ମୃତ କ୍ରିଷ୍ଣାଙ୍କ ପିତା ଜିତେନ୍ଦ୍ର ଅଗ୍ରୱାଲ, ମାତା ଜ୍ୟୋତି ଅଗ୍ରୱାଲ, ଭଉଣୀ ଶ୍ୱେତା ଅଗ୍ରୱାଲ ଓ ବଡବାପା ଅଜୟ ଅଗ୍ରୱାଲ ପ୍ରମୁଖ ଚକ୍ଷୁ ସଂଗ୍ରହ ପାଇଁ ସମ୍ମତି ଦେଇଥିଲେ। ଚକ୍ଷୁ ସଂଗ୍ରହ ପରେ ପରିବାରବର୍ଗଙ୍କୁ ବୁର୍ଲା ଚକ୍ଷୁବ୍ୟାଙ୍କ ତରଫରୁ ଚକ୍ଷୁଦାନ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

## ବାରିକ ସମାଜ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର

**ସମ୍ବଲପୁର, ୮ ।୧୧(ସମିସ):** ସମ୍ବଲପୁର ଜିଲ୍ଲା ବାରିକ ସମାଜ ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ବାରିକ୍ ସମାଜର ସବୁ ପ୍ରତିନିଧି ଉପସ୍ଥିତ ରହି ଅସାମାଜିକ ବ୍ୟକ୍ତିଙ୍କ ପାଇଁ ସେଲୁନ ବ୍ୟବସାୟୀ ଅସୁରକ୍ଷିତ ଥିବା ନେଇ ଅଭିଯୋଗ କରିଛନ୍ତି। ଅସାମାଜିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ନିକଟରେ ୨ ଜଣ ଅସମାଜିକ ବ୍ୟକ୍ତି ନିଶା ସେବନ କରି ସହରର ଏକ ସେଲୁନକୁ ଯାଇ କାମ କରାଇଥିଲେ। ଦୋକାନୀ ପ୍ରାପ୍ୟ ମାଗିବାରୁ ତାଙ୍କୁ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରି ମାଡ଼ ମାରିଥିଲେ। ଏନେଇ ଧନୁପାଲି ଥାନାରେ ଅଭିଯୋଗ ମଧ୍ୟ ହୋଇଛି। ଶୁକ୍ରବାର ଜିଲ୍ଲା ବାରିକ ସମାଜର ପ୍ରତିନିଧିମାନେ ଏସ୍‌ପିଙ୍କ କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇ ଅସାମାଜିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଜିଲ୍ଲା ବାରିକ ସମାଜର ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ପ୍ରଶାୟତ, ଜିଲ୍ଲା ଉପସଭାପତି ହୀରାଲାଲ ବେହେରାଙ୍କ ସମେତ ଅନ୍ୟ ପ୍ରତିନିଧି ଉପସ୍ଥିତ ଥିଲେ।

### ମହିଳା ଥାନାରୁ ପୀରବାବା ଛକ ପାର୍କିଂ ଫି ପ୍ରସଙ୍ଗ

## ନିଷ୍ପତ୍ତି ସ୍ଥଗିତ, ଚୂଡ଼ାନ୍ତ ହୋଇନି; କମିଶନର

**ସମ୍ବଲପୁର, ୮ ।୧୧(ସମିସ):** ମହିଳା ଥାନା ଛକରୁ ପିରବାବା ଛକ ପର୍ଯ୍ୟନ୍ତ ଓଭର ବ୍ରିଜ ତଳେ ଗାଡ଼ି ପାର୍କିଂ ବାବଦକୁ ଫି ନେଉଥିବ ପ୍ରସଙ୍ଗକୁ ତୀବ୍ର ବିରୋଧ କରାଯାଉଛି। ସେଠାରେ ଗାଡ଼ି ରଖିଲେ ଘଣ୍ଟାକୁ ୧୦ ଟଙ୍କାରୁ ଆରମ୍ଭ କରି ୫୦ ଟଙ୍କା ପର୍ଯ୍ୟନ୍ତ ଦେୟ ରହିଛି। ଏହାକୁ ବିରୋଧ କରି ସମ୍ବଲପୁରବାସୀ ଆଲୋଚନା କରିଥିଲେ। ରାସ୍ତ ସମସ୍ୟା ନସୁଧାରି ପାର୍କିଂ ଫିଂ ନେବାକୁ ନାପସନ୍ଦ କରିଛନ୍ତି।ଏହି ପ୍ରସଙ୍ଗରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଜିଲ୍ଲାପାଳଙ୍କ ସହ ଆଲୋଚନା କରି ଫି ଦେବାକୁ ପଡ଼ିବ ନାହିଁ ବୋଲି କହିଛନ୍ତି। କିନ୍ତୁ ଏସ୍ଏମସି କମିଶନରଙ୍କୁ ଏ ବାବାଦରେ ପଚାରିଲେ, ପାର୍କିଂ ଫି ପ୍ରସଙ୍ଗର ନିଷ୍ପତ୍ତିକୁ ସ୍ଥଗିତ କରାଯାଇଛି, ଚୁଡ଼ାନ୍ତ ଫଇସଲା ହୋଇ ନାହିଁ କହିଛନ୍ତି। ଆଗକୁ ଫିସ ନିଆ ଯିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। କାରଣ ଟେଣ୍ଡର ପାଇଥିବା ବ୍ୟକ୍ତି ଜଣଙ୍କ କ୍ଷମତା ଥିବା ଦଳର ବୋଲି ଆଲୋଚନା ହେଉଛି। ପ୍ରଭାବଶାଳୀ ନେତାଙ୍କ ଆଦେଶରେ ସେ ଏସ୍ଏମସିରୁ ଟେଣ୍ଡର ପାଇଛନ୍ତି। ତେଣୁ ଏହି ପ୍ରସଙ୍ଗ ଆଗକୁ ପୁଣି ବଢ଼ିପାରେ ବୋଲି ଆଲୋଚନା ହେଉଛି। ଲୋକଙ୍କ ବିରୋଧକୁ ଶାନ୍ତ କରିବା ପାଇଁ ବିଧାୟକ କିଛି ଦିନ ପାଇଁ ଏହାକୁ ରୋକ କରିଥିବେ ବୋଲି ଅଞ୍ଚଳବାସୀ ଚର୍ଚ୍ଚା କରୁଛନ୍ତି।

## ପ୍ରାଥମିକ ବିଦ୍ୟାଳୟରୁ ଚୋରି

**ରେଢ଼ାଖୋଲ, ୮ ।୧୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ପୁରୁଣାଗଡ଼ ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନର ଚାଉଳ ଓ ଏଲ୍ଇଡି ଟିଭି ଚୋରି ହୋଇଥିବା ନେଇ ରେଢ଼ାଖୋଲ ଥାନାରେ ଅଭିଯୋଗ ହୋଇଛି। ସୂଚନା ଯୋଗ୍ୟ ଯେ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ବିଦ୍ୟାଳୟର ତାଲା ଭାଙ୍ଗି ମଧ୍ୟାହ୍ନ ଭୋଜନ ପାଇଁ ଥିବା ଚାଉଳରୁ ୩ ବସ୍ତା ଚାଉଳ ଏବଂ ଏକ ଏଲ୍ଇଡି ସ୍ମାର୍ଟ ଟିଭି ଚୋରି କରି ନେଇଛନ୍ତି। ଏ ସଂକ୍ରାନ୍ତରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରେଢ଼ାଖୋଲ ଥାନାରେ ଲିଖିତ ଅଭିଯୋଗ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ପୁଲିସ ବିଦ୍ୟାଳୟରେ ପହଞ୍ଚି ଘଟଣାର ତଦନ୍ତ କରିଛି।

## କୁଚିଣ୍ଡାରେ ଛଟ୍ ପୂଜା



**କୁଚିଣ୍ଡା, ୮ ।୧୧(ସମିସ):** ପ୍ରଭାତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ଆସ୍ଥା ଏବଂ ସଂସ୍କାରର ପର୍ବ ଛଟ୍ ପୂଜା ସମାପନ ହୋଇଛି। କୁଚିଣ୍ଡା ଛଟ୍ ପୂଜା କମିଟି ପକ୍ଷରୁ ଖର୍ଲା ନଦୀ କୂଳରେ ଆୟୋଜିତ ହୋଇଥିବା ଛଟ୍ ପୂଜା ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିବା ପାଇଁ ଛଟ୍ ଘାଟରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଛଟ୍ ପୂଜା ଅବସରରେ ଆଜି ଖର୍ଲା ନଦୀ କୂଳରେ ଥିଲା ଲୋକାରଣ୍ୟ। ଶୁକ୍ରବାର ବହୁ ସଂଖ୍ୟାରେ ବିହାରୀ ମହିଳା ଓ ପୁରୁଷ କୁଚିଣ୍ଡା ଖର୍ଲା ନଦୀ କୂଳରେ ଏକାଠି ହୋଇ ସୂର୍ଯ୍ୟଙ୍କୁ ପୂଜା କରିଥିଲେ।

## ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା



**ଜମନକିରା, ୮ ।୧୧(ସମିସ):** ବଡରମା ଆଶ୍ରମ ବିଦ୍ୟାଳୟରେ ଶୁକ୍ରବାର ଜମନକିରା ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଜୁନିଅର ଗ୍ରୁପ୍‌ରେ ୯୩ ଟି ଏବଂ ନବମ, ଦଶମ ପାଇଁ ୩୯ ଟି ମୋଟ୍ ୧୩୨ ଟି ପ୍ରୋଜେକ୍ଟ ଆସିଥିଲା। ୭ ଟି ବିଷୟବସ୍ତୁରେ ଉଭୟ ଜୁନିଅର ଓ ସିନିୟର୍ ଗ୍ରୁପ୍ ପାଇଁ ମୋଟ୍ ୧୪ ଜଣ ଛାତ୍ରଛାତ୍ରୀ ଜିଲ୍ଲାସ୍ତର ବିଜ୍ଞାନ ମେଳାରେ ଭାଗ ନେବା ପାଇଁ ଚୟନ ହୋଇଛନ୍ତି। ଉଦ୍‌ଘାଟନୀ ସମାରୋହରେ ଗୋଷ୍ଠି ଶିକ୍ଷା ଅଧିକାରୀ ରୁକ୍ମଣ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଉଦ୍‌ଯାପନୀ ସମାରୋହରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ଦେବକୀ ନାୟକ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବରେ ଶିକ୍ଷକ ଶ୍ରୀକାନ୍ତ ପଟେଲ ସଭକ୍ଷପତି ଜମନକିରା ପ୍ରାଥମିକ ଶିକ୍ଷକ ସଂଘ, କାର୍ତ୍ତିକ କିସାନ ସମ୍ପାଦକ ଜମନକିରା ପ୍ରଥମିକ ଶିକ୍ଷକ ସଂଘ, ଜଗଦୀଶ ପାଣିଗ୍ରାହୀ ପ୍ରଧାନ ଶିକ୍ଷକ ବଡରମା ଆଶ୍ରମ, ସୁଜାତା ଖୁଣ୍ଟିଆ, ଜିଲ୍ଲା ପରିଷଦ ଜୋନ ୧, ଅଶୋକ ବାଘ ସମିତି ସଭ୍ୟ ବଡରମା, ଅମୋଘ ବୈରୀଗଞ୍ଜନ ନାଏକ ପ୍ରଧାନ ଶିକ୍ଷକ କେନାଢ଼ିପା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିଜୟ ନାୟକ ସରପଞ୍ଚ ବଡରମା, ଅମିତ କୁମାର ପଟେଲ ରେଞ୍ଜ ଅଧିକାରୀ କେନ୍ଦୁପତ୍ର ବଡରମା ଉପସ୍ଥିତ ଥିଲେ। ସତ୍ୟନାରାୟଣ ସାହୁ ବନଦୁର୍ଗା ହାଇସ୍କୁଲ ଓ ପ୍ରତାପ ମହାପାତ୍ର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କୁଲୁଣ୍ଡି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତଥା ଶିକ୍ଷକଶିକ୍ଷୟିତ୍ରୀଙ୍କ ସହାୟତାରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଶେଷରେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ସୁଶ୍ରୀ ଦେବକୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନିର୍ମାଣ ଶ୍ରମିକ ସଚେତନତା

**ଜମନକିରା, ୮ ।୧୧(ସମିସ):** ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ ବିଭାଗ ସମ୍ବଲପୁର ଆନୁକୂଲ୍ୟରେ ଜମାନକିରା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ ସଚେତନତା ତଥା ବିଭିନ୍ନ ଆବେଦନ ଫର୍ମ ଯାଞ୍ଚ (ନୂତନ କାର୍ଡ, ନବୀକରଣ ଓ ବିଭିନ୍ନ ଆର୍ଥିକ ସହାୟତା ଫର୍ମ) ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ଦିବ୍ୟ ଶଙ୍କର ଧୁରୁଆ ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ), ସମ୍ବଲପୁର ସମସ୍ତ ନିର୍ମାଣ ଶ୍ରମିକଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସମ୍ବନ୍ଧରେ ସଚେତନ କରାଇବା ସହ ବିଭିନ୍ନ ଆବେଦନ ଫର୍ମ ଯାଞ୍ଚ କରିଥିଲେ।ଶିବିରରେ ପ୍ରାୟ ୫୦୦ ଜଣ ନିର୍ମାଣ ଶ୍ରମିକ ପୁରୁଷ ମହିଳା ଉପସ୍ଥିତ ଥିଲେ। ଲିପ୍ସାରାଣୀ ପ୍ରଧାନ ସହକାରୀ ଶ୍ରମ ଅଧିକାରୀ ସମ୍ବଲପୁର, ସୌମ୍ୟ ରଞ୍ଜନ ସାହୁ କଲ୍ୟାଣ ସଂଯୋଜକ, ଅଜିତ କୁମାର ପ୍ରଧାନ ଡାଟାଏଣ୍ଟ୍ରି ଅପରେଟର୍ ସମ୍ବଲପୁର ଉପସ୍ଥିତ ରହି ଉକ୍ତ ଶିବିର ପରିଚାଳନାରେ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ସାହାଯ୍ୟ କରିଥିଲେ।

## ଶ୍ରୀଗଣେଶ ହାଇସ୍କୁଲରେ ବିଜ୍ଞାନ ମେଳା

**ସମ୍ବଲପୁର, ୮ ।୧୧(ସମିସ):** ଧନୁପାଲିସ୍ଥିତ ଶ୍ରୀଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନମେଳା ପ୍ରଧାନଶିକ୍ଷୟିତ୍ରୀ ମଧୁସ୍ମିତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ମହିଳା ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସନ୍ତୋଷ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଦୂତିକା ସାହୁ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତୀ ମାଧୁରିମା ପାଣିଗ୍ରାହୀ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଧନୁପାଲିର ବିଜ୍ଞାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣ ପାଢି ବିଚାରକ ଭାବେ ଯୋଗ ଦେଇଥିଲେ। ମେଳାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ୪୯ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଉଚ୍ଚକାପାଟ ପଞ୍ଚାୟତକୁ ମରୁଡ଼ି ଘୋଷଣା ଦାବି

**କୁଚିଣ୍ଡା, ୮ ।୧୧(ସମିସ):** ବାମରା ବ୍ଲକ ଉଚ୍ଚକାପାଟ ପଞ୍ଚାୟତକୁ ମରୁଡ଼ି ଘୋଷଣା ପାଇଁ ସରପଞ୍ଚ ସୁବନ୍ତି କେଛୁ, ସମିତି ମେମ୍ବର ସୌଦାମିନୀ ନାୟକ ଏବଂ ଚାଷୀ ନେତା ଯୋଗବିହାରି ପରିଡ଼ାଙ୍କ ନେତୃତ୍ୱରେ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲେ। ବ୍ଲକ କାର୍ଯ୍ୟାଳୟ ଓ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଜଳସେଚନ ବିହୀନ ଉଚ୍ଚକାପାଟ ପଞ୍ଚାୟତରେ ଶୀଘ୍ର ଇନପୁଟ୍ ସବସିଡି ପ୍ରଦାନ କରିବା, କୃଷୀବିମା କ୍ଷତିପୂରଣ ସମ୍ପୂର୍ଣ୍ଣ ଦେବା ସହିତ ସମସ୍ତ କୃଷି ଋଣ ଛାଡ କରିବା, ଲହରଙ୍ଗା ନଦୀରେ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ବ୍ୟବସ୍ଥା କରିବା ସହ ଗ୍ରାମାଞ୍ଚଳରେ ଥିବା ସମସ୍ତ ଜଳଉତ୍ସ ଗୁଡ଼ିକୁ ପୁନରୁଦ୍ଧାର କରି ଗଭୀର କରାଯିବା ସହିତ ଅତି କମରେ ଖରିଫ ଚାଷକୁ ନିଶ୍ଚିତ କରିବା, କୃଷି ବିଭାଗ ଦ୍ୱାରା ଦିଆଯାଇଥିବା କ୍ଷୟକ୍ଷତି ରିପୋର୍ଟ ଠିକ୍ କରି ପଠାଇବା, କୃଷିରେ ବ୍ୟବହୃତ ବକେୟା ସମସ୍ତ ବିଜୁଳି ବିଲ ଛାଡ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ରର ନକଲ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ସମ୍ବଲପୁର ଜିଲ୍ଲାପାଳ ଓ କୁଚିଣ୍ଡା ଉପଜିଲ୍ଲାପାଳଙ୍କୁ ପ୍ରେରିତ କରାଯାଇଛି।



### ହାଇକୋର୍ଟ ବେଞ୍ଚ୍ ଦାବି କଲେ ପୂର୍ବତନ ସାଂସଦ

# ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା ଜରୁରୀ

**ସମ୍ବଲପୁର, ୮ ।୧୧(ସମିସ)**

ମହାରାଷ୍ଟ୍ରରେ ତିନୋଟି ହାଇକୋର୍ଟ ବେଞ୍ଚ ରହିଛି। ପୁଣି ଚତୁର୍ଥ ହେବା ସୁପ୍ରିମକୋର୍ଟ ବିଚାରପତି ଗତ ସପ୍ତାହରେ ଦାବି କରିଛନ୍ତି। କିନ୍ତୁ ଓଡ଼ିଶାରେ ଦ୍ୱିତୀୟ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହୋଇ ପାରୁନାହିଁ। ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାର ଆବଶ୍ୟକ ବୋଲି ପୂର୍ବତନ ଲୋକସଭା ସାଂସଦ ଭବାନୀ ଶଙ୍କର ହୋତା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସେ କହିଛନ୍ତି, ବର୍ତ୍ତମାନର ସରକାର ବିରୋଧୀ ଥିବା ବେଳେ ହାଇକୋର୍ଟ ଆନ୍ଦୋଳନ ପାଇଁ ଦାବି କରି ଆସୁଥିଲେ। କେନ୍ଦ୍ର ଓ ରାଜ୍ୟରେ ଗୋଟେ ଦଳର ସରକାର ଥିଲେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାରେ କୌଣସି ଅସୁବିଧା ହେବ ନାହିଁ ବୋଲି କହୁଥିଲେ। କ୍ଷମତାରେ ଆସିବା ପରେ କାର୍ଯ୍ୟ ତ୍ୱରାନ୍ୱିତ ନକରି ବିଭ୍ରାନ୍ତକର ମନ୍ତବ୍ୟ ପ୍ରଦାନ କରୁଛନ୍ତି। ଗତ ୪୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପାଇଁ ଦାବି ହୋଇ ଆସୁଛି। ଅତୀତରେ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହା ଗଣଆନ୍ଦୋଳନର ରୂପ ନେଇଛି। ବିଭିନ୍ନ ସମାଜସେବୀ, ବୁଦ୍ଧିଜୀବୀ ସର୍ବସାଧାରଣ ତଥା ଓକିଲମାନେ ଲଗାତର ଭାବେ ଦାବି କରି ଆସୁଛନ୍ତି।

୨୦୧୩ ମସିହାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଏ ସଂକ୍ରାନ୍ତରେ ନିଜର ମତାମତ ଦେବାପାଇଁ ପତ୍ର ଲେଖିଥିଲେ ସୁଦ୍ଧା ଦୀର୍ଘ ୧୧ ବର୍ଷ ହେଲା ଓଡ଼ିଶା ହାଇକୋର୍ଟ ସମ୍ପୂର୍ଣ୍ଣ ନୀରବତା ଅବଲମ୍ବନ କରି ଆସୁଛନ୍ତି।ଏପରି ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନ ହେବା ଫଳରେ ହାଇକୋର୍ଟରେ କେସ ଫଇସଲା ହୋଇନପାରି ଗତ ୫ ନଭେମ୍ବର ୨୦୨୪ ସୁଦ୍ଧା ୧, ୪୩, ୯୬୨ କେସ ଅମୀମାଂସିତ ହୋଇ ପଡ଼ିରହିଛି। ଯଦି କେନ୍ଦ୍ର ସରକାରଙ୍କ ଏବଂ ରାଜ୍ୟ ସରକାରଙ୍କ ପତ୍ରର ଉତ୍ତର ଦୀର୍ଘ ୧୧ ବର୍ଷ ହେଲା ଦିଆଯାଇ ପାରୁନାହିଁ ତାହେଲେ ସାଧାରଣ କେସ ଗୁଡିକର କଣ ଅବସ୍ଥା ହେଉଥିବ ସହଜରେ ଅନୁମେୟ। ଏବେ ଯୁକ୍ତି ଦିଆଯାଉଛି ଯେ ଭର୍ଚ୍ଚୁଆଲ ଶୁଣାଣି ସମ୍ଭବ ହୋଇ ପାରୁଥିବାରୁ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠାର କୌଣସି ଆବଶ୍ୟକତା ନାହିଁ। ଗତ ସେପ୍ଟେମ୍ବର ଶେଷ ସପ୍ତାହରେ ଭାରତର ସୁପ୍ରିମକୋର୍ଟର ବିଚାରପତି ଭୂଷଣ ରାମକ୍ରିଷ୍ଣ ଗାଭାଇ କହିଛନ୍ତି ଯେ ମହାରାଷ୍ଟ୍ରରେ ଚତୁର୍ଥ ସ୍ଥାୟୀ ବେଞ୍ଚର ଆବଶ୍ୟକତା ଅଛି ଏବଂ ଏହି ଚତୁର୍ଥ ବେଞ୍ଚ ମହାରାଷ୍ଟ୍ରର କୋଲହାପୁରରେ ପ୍ରତିଷ୍ଠା ହେବା ଉଚିତ। ପ୍ରକାଶଥାଉକି ମହାରାଷ୍ଟ୍ରରେ ବମ୍ବେ ବ୍ୟତୀତ ନାଗପୁର, ଔରଙ୍ଗାବାଦ ଓ ଗୋଆରେ ତିନୋଟି ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ହୋଇଛି। କର୍ଣ୍ଣାଟକ ରାଜ୍ୟରେ ୨୦୧୩ ମସିହାରେ ବାଙ୍ଗାଲୋର ବ୍ୟତୀତ ଧରୱାର୍ଡ ଓ ଗୁଲବର୍ଗାରେ ଏକା ସଙ୍ଗରେ ଦୁଇଟି ବେଞ୍ଚ ସ୍ଥାପିତ ହୋଇଥିଲା।ଓଡ଼ିଶାର ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଏବଂ ସ୍ଥାନ ନିରୁପଣ ଏକ ଜଟିଳ ସମସ୍ୟା ନୁହେଁ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହାକୁ ଜଟିଳ ବୋଲି ଚିତ୍ରଣ କରାଯାଉଛି।ଯଶବନ୍ତ ସିଂହ କମିଶନ ମାର୍ଗଦର୍ଶିକା ଆଧାରରେ ନିଷ୍ପତ୍ତି ନେଇ ଓଡ଼ିଶା ସରକାର ଅବିଳମ୍ବେ ଉପଯୁକ୍ତସ୍ତରରେ ବିଚାର ବିମର୍ଶ କରି ଯଶବନ୍ତ ସିଂହଙ୍କ ମାର୍ଗଦର୍ଶିକା ଅନୁଯାୟୀ ସ୍ଥାନ ନିରୁପଣ କରି କେନ୍ଦ୍ର ସରକାରଙ୍କୁ ସୁପାରିଶ କରନ୍ତୁ। ଏହାସହ ସମସ୍ତ ରାଜନୈତିକ ଦଳ ଏଥିରେ ସହମତି ପ୍ରଦାନ କରି ଉଚିତ ନିଷ୍ପତ୍ତି ନେବେ ବୋଲି ଶ୍ରୀ ହୋତା ଦାବି କରିଛନ୍ତି।

ସେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦାବି କରିଛନ୍ତି, ଆଇନ ପାଠ୍ୟକ୍ରମର ଗୁଣବତ୍ତା ବୃଦ୍ଧି କରି ଉପଯୁକ୍ତ ଭାବରେ ଆଡଭୋକେଟମାନଙ୍କ ଜ୍ଞାନ ଓ କୌଶଳକୁ ବୃଦ୍ଧି କରିବାରେ ସହାୟକ ହେବାପାଇଁ ମୁଖ୍ୟମନ୍ତ୍ରୀ ଅବିଳମ୍ବେ ଓଡ଼ିଶାର ସମ୍ବଲପୁରଠାରେ ଆଡଭୋକେଟ ଏକାଡେମୀ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଅନ୍ତୁ। ଏଥିପାଇଁ ସମ୍ବଲପୁରର ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଛି ଏବଂ ଏହା ଜ୍ଞାନ ଓ କୌଶଳର ବିକେନ୍ଦ୍ରୀକରଣରେ ସହାୟକ ହେବ।



## ‘ଅପିଲ’ ସମ୍ପାଦକ ପୃଥ୍ୱୀନାଥ ସାହୁଙ୍କ ଦେହାନ୍ତ



**ବରଗଡ଼,୮ ।୧୧( ସମିସ):** ବରଗଡ଼ରୁ ପ୍ରକାଶିତ ‘ଅପିଲ’ ପତ୍ରିକାର ସମ୍ପାଦକ ତଥା ସାମ୍ବାଦିକ ପୃଥ୍ୱୀନାଥ ସାହୁ ମୁଖ କର୍କଟ ରୋଗରେ ପୀଡ଼ିତ ହୋଇ ମାସାଧିକ କାଳ ମୁମ୍ବାଇ ଟାଟା ମେମୋରିଆଲ କ୍ୟାନସର ହସ୍‌ପିଟାଲରେ ଚିକିତ୍ସିତ ହେଇ ନିକଟରେ ବରଗଡ଼କୁ ଫେରିଥିଲେ। ତାଙ୍କ ସ୍ୱାସ୍ଥ୍ୟରେ ଅବନତି ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଆଜି ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସନ୍ଧ୍ୟା ୫ଟାରେ ତାଙ୍କ ଶବ ବରଗଡ଼ ରେଲୱେ ଷ୍ଟେସନ ସ୍ଥିତ ବାସଭବନରେ ପହଞ୍ଚିଥିଲା। ପରେ ରେଲୱେ ଷ୍ଟେସନ ପାଖ ଶ୍ମଶାନରେ ତାଙ୍କ ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି। ପୃଥ୍ୱୀନାଥ ରାୟପୁରରୁ ପ୍ରକାଶିତ ଦୈନିକ ଭାସ୍କର, ନବଭାରତ ପରି ହିନ୍ଦି ସମ୍ବାଦପତ୍ରର ପ୍ରତିନିଧି ରୂପେ କାର୍ଯ୍ୟ କରୁଥିଲେ। ଏହା ଦ୍ୱାରା ମୁମ୍ବାଇରୁ ପ୍ରକାଶିତ ହିନ୍ଦି ବ୍ଲିଜ, କୋଲକତାରୁ ପ୍ରକାଶିତ ହିନ୍ଦୀ ସଣ୍ଡେ ମାଗାଜିନ, ନୂଆଦିଲ୍ଲୀର ଅସଲି ଭାରତ ଆଦି ଦେଶର ଖ୍ୟାତନାମା ହିନ୍ଦୀ ସମ୍ବାଦପତ୍ରର ପ୍ରତିନିଧି ରୂପେ କାର୍ଯ୍ୟ କରୁଥିଲେ। ସେ ନିଜେ ବରଗଡ଼ ଜିଲ୍ଲାର ପ୍ରଥମ ହିନ୍ଦି ସାପ୍ତାହିକ ‘ଅଭିଯାନ’ ନାମରେ ଏକ ସମ୍ବାଦପତ୍ର ପ୍ରକାଶ କରୁଥିଲେ। ପରେ ହିନ୍ଦୀ ପାକ୍ଷିକ ରୂପେ ‘ଅପିଲ’ ସମ୍ବାଦପତ୍ର ପ୍ରକାଶ ପାଇଥିଲା ଏବଂ ପରେ ତାହା ଓଡ଼ିଆ ଭାଷାରେ ଦୀର୍ଘ ଦଶନ୍ଧୀ ଧରି ଲୋକପ୍ରିୟ ସମ୍ବାଦପତ୍ର ରୂପେ ପ୍ରକାଶ କରୁଥିଲେ। ବରଗଡ଼ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ହୋତା, ତୁଳସୀ ଚରଣ ଦାଶ,ନାସିର ଖାଁ, ଦୀପକ ଶର୍ମା , ବୀରେନ ପ୍ରଧାନ,ସରୋଜ କୁମାର ଷଡ଼ଙ୍ଗୀ, ଅଶୋକ ମିଶ୍ର , ଦିଲୀପ ଆଚାର୍ଯ୍ୟ,ବିଭୁ ରଞ୍ଜନ ତରାସିଆ , ସତ୍ୟଜିତ ଦାଶ ପ୍ରମୁଖ ସାମ୍ବାଦିକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

## ବିଦ୍ୟାଳୟରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ



**ପଦ୍ମପୁର ତା. ୮.୧୧ (ସମିସ):** ଲାଲ ବହାଦୁର ଶାସ୍ତ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପୋଷାକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଶେଷଦେବ ସାହୁ ସଭାପତିତ୍ୱ କରିଥିବା ବେଳେ ବିସିକେଶନ ଶତପଥି ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ତରଣୀସେନ ସାହୁ ପ୍ରଧାନଶିକ୍ଷକ, ଟାଉନ ଉଚ୍ଚ ବିଦ୍ୟାଳୟ ଯଥାକ୍ରମେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ସଂଘମିତ୍ରା ଭୋଇ ସହକାରୀ ଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ । ପରିଚାଳନା ସମିତି ଅଧ୍ୟକ୍ଷ ପ୍ରକାଶ ବାରିକ, ଅଧକ୍ଷା ମାନିନୀ ନାଥଙ୍କ ସମେତ ସମସ୍ତ ସଦସ୍ୟ ସଦସ୍ୟା ଓ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ବରପାଲିରେ ସତ୍‌ସଙ୍ଗ

**ବରପାଲି,୮ ।୧୧ (ସମିସ):** ବରପାଲି ଆଶୀର୍ବାଦ ମଣ୍ଡପ ପରିସରରେ କୃପାଳୁ ମହାରାଜଙ୍କ ସତସଙ୍ଗ ପ୍ରବଚନ ସମାରୋହ ଆୟୋଜିତ ହୋଇଯାଇଛି। ଶୁକ୍ରବାର ସଂଧ୍ୟାରେ ଜଗତଗୁରୁ କୃପାଳୁ ମହାରାଜଙ୍କ ପୌତ୍ର ନିଳମଣି କୃପାଳୁ ଦାସଜୀଙ୍କ ସାନିଧ୍ୟରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ଚନ୍ଦନ ଅଗ୍ରୱାଲା ଓ ବାଳକିଶୋର ଖାଡ଼ଙ୍ଗା, ମନ ସାହୁ ଓ ଲକ୍ଷି ଅଗ୍ରୱାଲା ପ୍ରମୁଖ ପ୍ରବକ୍ତାଙ୍କୁ ସ୍ୱାଗତ ଜଣାଇବା ସହିତ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ କୃପାଳୁଜୀ ଭାଗବତ, ରାମାୟଣ, କୃଷ୍ଣାମୃତ, ମହାଭାରତ ସହ ମହାପୁରାଣର ଭିନ୍ନଭିନ୍ନ ପଂକ୍ତିକୁ ନେଇ ସରଳ ଭାଷାରେ ବୁଝାଇଥିଲେ। ଅଞ୍ଚଳର ବହୁ ଭକ୍ତଙ୍କ ସହ ଭଗବତ ପ୍ରେମୀ ଯୋଗ ଦେଇଥିଲେ।



## ପଦ୍ମପୁରରେ ଚାଷୀ ଗର୍ଜନ ସମାବେଶ

# ୧୮ ରେ ରେଲରୋକ ଲାଗି ସଂଗଠନର ନିଷ୍ପତ୍ତି

**ପଦ୍ମପୁର, ୮।୧୧ (ସମିସ):**




ପଦ୍ମପୁର ଗୋରୁ ବଜାର ପ୍ରାଙ୍ଗଣରେ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନର ସ୍ଥାୟୀ ସଭାପତି ବାଞ୍ଛାନିଧି ନାୟକଙ୍କ ସଭାପତିତ୍ୱରେ କୃଷକ ଗର୍ଜନ ସମାବେଶ ଅନୁଷ୍ଠିତ ହୋଇଥିଲା। ବିସ୍ଥାପନ ବିହୀନ ଜଳସେଚନ, ବିନା କଟନୀ ଛଟନୀରେ ଚାଷୀଙ୍କୁ ଉଚିତ ମୂଲ୍ୟ, ସ୍ମାର୍ଟ ମିଟରକୁ ସମ୍ପୂର୍ଣ୍ଣ ବିରୋଧ କରିବା, ୩୦୦ ୟୁନିଟ ବିଦ୍ୟୁତ ବିଲ ଛାଡ଼, ପଦ୍ମପୁରକୁ ଜିଲ୍ଲା ଘୋଷଣା ଆଦି ଦାବି ନେଇ ଚାଷୀ ଗର୍ଜିଥିଲେ। ସରକାର ଚାଷୀମାନଙ୍କ ଇନପୁଟ ଟଙ୍କା ପ୍ରଦାନରେ ଅହେତୁକ ବିଳମ୍ବ କରୁଥିବାରୁ ଆସନ୍ତା ୧୮ରେ ରେଲରୋକ କରିବାକୁ ସଂଗଠନ ନିଷ୍ପତ୍ତି ନେଇଥିବା ସୂଚନା ଦିଆଯାଇଛି। ଏଥିରେ କେରଳ ବିଧାନସଭାର ପୂର୍ବତନ ବିଧାୟକ ତଥା ଅଖିଳ ଭାରତୀୟ କିସାନ ସଭାର ଆର୍ଥିକ ସମ୍ପାଦକ, ସଂଯୁକ୍ତ କିସାନ ମୋର୍ଚ୍ଚା ସଚିବ ମଣ୍ଡଳୀ ସଦସ୍ୟ ପି କ୍ରିଷ୍ଣା ପ୍ରସାଦ, ଉତ୍ତର ପ୍ରଦେଶ କିସାନ ମଜଦୁର ପରିଷଦ ରାଷ୍ଟ୍ରୀୟ ଅଧକ୍ଷ ସମାଜବାଦୀ ଜନ ପରିଷଦ ରାଜେନ୍ଦ୍ର ଚୌଧୁରୀ, ସମାଜବାଦୀ ଜନପରିଷଦର ସଚିବ ମହାଦେବ ଦେଶାଇ, ଅଫ୍ଲାତୁନ ଦେଶାଇ, କ୍ରାନ୍ତିକାରୀ କିସାନ ସଭା ସଦସ୍ୟ ସୁନୀଲ କୁମାର, ସଂଯୁକ୍ତ କିସାନ ମୋର୍ଚ୍ଚା ଓଡ଼ିଶା ରାଜ୍ୟ ସଦସ୍ୟ ରଘୁନାଥ ଦାସ, ଯୁଗ୍ମ ସମ୍ପାଦକ କିସାନ ସଭା, ସଦସ୍ୟ ସୁରେନ୍ଦ୍ର ହୋତା ,ନିୟମଗିରି ସୁରକ୍ଷା ସମିତି ତଥା ସମାଜବାଦୀ ଜନପରିଷଦ ରାଷ୍ଟ୍ରୀୟ ମହାସଚିବ କୃଷକ ନେତା ଲିଙ୍ଗରାଜ ଆଜାଦ, ସୋନପୁର କୃଷକ ସଂଗଠନ ସୋନାଲି ବିଶି, ସଂଯୁକ୍ତ କୃଷକ ସଙ୍ଗଠନ ଉପଦେଷ୍ଟା ମଣ୍ଡଳୀ ରମେଶ ମହାପାତ୍ର, ଅଶୋକ ସାହୁ, ଅଜିତ ଶତପଥୀ, ଉତ୍ପନ୍ନ ଭୋଇ,ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଅତାବିରା ସଭାପତି ବୀରେନ୍ଦ୍ର କର, ସମ୍ପାଦକ ଭେଡେନ କୃଷକ ସଙ୍ଗଠନ ସୁଦାମ ପାତ୍ର, ସଂଯୁକ୍ତ କୃଷକ ସଙ୍ଗଠନ ବରଗଡ଼ ନିରଞ୍ଜନ ପଧାନ, ସଂଯୁକ୍ତ କୃଷକ ସଙ୍ଗଠନ ବରପାଲି ତପନ ମିଶ୍ର, କୃଷକ ପରିବାର ଭଟଲି ସଭାପତି ଥବିର ସାହୁ, ବୀର ସୁରେନ୍ଦ୍ର ସାଏ କୃଷକ ସଙ୍ଗଠନ ସଭାପତି ଭଗବାନ ସାହୁ, ସହିଦ ମାଧୋ ସିଂ ଆଞ୍ଚଳିକ କୃଷକ ସଙ୍ଗଠନ ମୁରଲୀ ଭୋଇ, ବିଜେପୁର କୃଷକ ସଙ୍ଗଠନ ସଭାପତି ସୁବାସ ପଧାନ, ରାଜବୋଡାସମ୍ବର କୃଷକ ସଙ୍ଗଠନ ଗାଇସିଲଟ ସଭାପତି ଅରବିନ୍ଦ ପଣ୍ଡା, ରାଜବୋଡାସମ୍ବର କୃଷକ ସଙ୍ଗଠନ ପାଇକମାଳ, ସଭାପତି ଅରକ୍ଷିତ ପଧାନ, ରାଜବୋଡାସମ୍ବର କୃଷକ ସଙ୍ଗଠନ ପଦ୍ମପୁର, ସଭାପତି ପଞ୍ଚାନନ ସାହୁ, ରାଜାବୋଦସମ୍ବର କୃଷକ ସଙ୍ଗଠନ ଏନଏସି ପଦ୍ମପୁର କାହ୍ନୁ ଚରଣ ମେହେର, କୋଶଲ ସେନା ସଭାପତି ବୀରବଳ ମହାକୁଡ଼, ସଂକଳ୍ପ ପରିବାର ସଭାପତି ବିକାଶ ଅଗ୍ରୱାଲ, ଓକିଲ ସଂଘ ବରଗଡ଼ , ପଦ୍ମପୁର, ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ପରିଚାଳନା ସଦସ୍ୟ କୈଳାସ ସାହୁ, ରୋହିତ ପଧାନ, ଲିଙ୍ଗରାଜ ପଧାନ, ସୁବାସ ସାମନ୍ତରାୟ, ବୀରେନ୍ଦ୍ର ପଧାନ ମଞ୍ଚାସୀନ ରହି ଚାଷୀମାନଙ୍କ ସାମୂହିକ ସ୍ୱାର୍ଥ ପାଇଁ ମତବ୍ୟକ୍ତ କରିଥିଲେ। ରାଜ ବୋଡ଼ାସମ୍ବର କୃଷକ ସଂଗଠନକୁ କେନ୍ଦ୍ରୀୟ ସଂଯୁକ୍ତ ମୋର୍ଚ୍ଚା ସମ୍ପୂର୍ଣ୍ଣ ସମର୍ଥନ ଘୋଷଣା କରିଥିଲା।

● କେନ୍ଦ୍ରୀୟ ସଂଯୁକ୍ତ ମୋର୍ଚ୍ଚାର ପୂର୍ଣ୍ଣ ସମର୍ଥନ

# ଜମି ମାଫିଆଙ୍କୁ ଘଣ୍ଟ ଘୋଡ଼ାଉଛି ପୁଲିସ



● ୩ ଅଭିଯୁକ୍ତଙ୍କ ଗିରଫ ପରେ ବି କୋର୍ଟଚାଲାଣ କରାଗଲାନି

● ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି

**ବରଗଡ଼,୮ ।୧୧( ସମିସ):** ବରଗଡ଼ରେ ଆତଙ୍କରାଜ ଖେଳାଉଛନ୍ତି ଜମି ମାଫିଆ । କିଛି ଅର୍ଥ ଲୋଭରେ ପ୍ରଶାସନିକ ଅଧିକାରୀଙ୍କ ସହଯୋଗ ଏବଂ ସହାନୁଭୂତି ପାଇ ଆଜି ବରଗଡ଼ରେ ସୀମା ଟପିଯାଇଛି ଜମି ମାଫିଆଙ୍କ ଦବଙ୍ଗଗିରି । ବରଗଡ଼ରେ ଅନୁସୂଚିତ ଜାତିଙ୍କ ଜମି ବିକ୍ରି ପାଇଁ ଜାଲ ଅନୁମତି ପତ୍ର ସାହାଯ୍ୟରେ ବ୍ୟାପକ ଜମି ରେଜିଷ୍ଟ୍ରି କରାଯାଇଥିବା ନେଇ କିଛିଦିନ ତଳେ ବରଗଡ଼ ଉପଜିଲ୍ଲାପାଳ ନିଜେ ଥାନାରେ ଏତଲା ଦେଇଥିଲେ ଏବଂ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଥିଲା । ଏହି ଘଟଣା ପରେ ପୂର୍ବରୁ ହୋଇଥିବା ବ୍ୟାପକ ଦୁର୍ନୀତି ବର୍ତ୍ତମାନ ସାମନାକୁ ଆସିଛି। ପୁଲିସ ଜମି ମାଫିଆଙ୍କ ହାତବାରିସୀ ସାଜିଥିବା ବେଳେ ପୂରା ସିଷ୍ଟମ ଏହି ଜମି ମାଫିଆଙ୍କ ଜାଲରେ ଛନ୍ଦି ହୋଇ ନିଜ ପକେଟ ଗରମ କରିବାରେ ବ୍ୟସ୍ତ ଅଛନ୍ତି । ଯାହା ବରଗଡ଼ରେ ଘଟିଥିବା ଏକ ସମ୍ବେଦନଶୀଳ ଘଟଣାରୁ ସ୍ପଷ୍ଟ ବାରି ହୋଇଯାଉଛି । ଜଣେ ଚାଷୀଙ୍କ ଜମି ହାତେଇବାକୁ ଯାଇ ବିଲରେ ଧାନ ଫସଲ ହୋଇଥିବା ଏକ ଏକର ଚାଷ ଜମି ଉପରେ ସରକାରୀ ଜାଗାର ମାଟିକୁ ବେଆଇନ ଭାବେ ଆଣି ସେହି ଜମିରେ ପକାଇ ରାତାରାତି ପଡ଼ିଆ କରିଦେଲେ ଜମି ମାଫିଆ । ଉକ୍ତ ଚାଷୀ ପରିବାର ଥାନାରେ ବାରମ୍ବାର ଅଭିଯୋଗ କଲା ପରେ ମଧ ପୁଲିସ ପ୍ରଶାସନ କୌଣସି ପଦକ୍ଷେପ ନନେବାରୁ ଶେଷରେ ରାସ୍ତାରୋକ ଆନ୍ଦୋଳନ କରିଥିଲେ ପରିବାର ଲୋକେ ଏବଂ ଗ୍ରାମବାସୀ ଜମି ମାଫିଆଙ୍କ ଅମାନୁଷିକ କାର୍ଯ୍ୟକଳାପକୁ ବିରୋଧ କରି ଚାଷୀ ସଙ୍ଗଠନ ତଥା ଗ୍ରାମବାସୀ ରାସ୍ତାକୁ ଓହ୍ଲାଇ ବିରାଟ ଆନ୍ଦୋଳନ କରିବାରୁ ପୁଲିସ ପ୍ରଶାସନ ବାଧ ହୋଇ ଅଭିଯୁକ୍ତ ଜମି ମାଫିଆକୁ ଗିରଫ କରିଥିଲା । ମାତ୍ର ଗିରଫ କରିବାପରେ ବରଗଡ଼ ଟାଉନ ପୁଲିସ ଥାନାରେ ଆତିଥ୍ୟ ସତ୍କାର କଲାପରି ଜମି ମାଫିଆଙ୍କୁ ରଖିଥିଲା ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଥାନା ଭିତରକୁ ପ୍ରବେଶ କରିଦେଇ ନଥିଲା। ମାଫିଆଙ୍କ ଫଟୋ କିମ୍ବା ଭିଡିଓ ଉତ୍ତୋଳନ କରିବାକୁ ପୁଲିସ ନିଜେ ନିଜ ତରଫରୁ ବାରଣ କରିଥିଲା । ଅନ୍ୟ ଘଟଣା ମାନଙ୍କରେ ପୁଲିସ ସାମ୍ବାଦିକ ସମ୍ମିଳନୀ କରି ଘଟଣାଟିର ପର୍ଦ୍ଦାଫାସ କରୁଥିବା ବେଳେ ଜମି ମାଫିଆଙ୍କ ଗିରଫରେ ପୁଲିସ ଗଣମାଧ୍ୟମଙ୍କୁ ଅସହଯୋଗ କରିଥିଲା । ଜମି ମାଫିଆଙ୍କୁ କୋର୍ଟ ପଠାଯିବା ପୂର୍ବରୁ ହସ୍ପିଟାଲକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପଠାଯାଇଥିଲା ଓ ସେଠାରେ ଡାକ୍ତର ବାବୁ ମଧ ଜମି ମାଫିଆଙ୍କ ସ୍ୱାସ୍ଥ୍ୟ ଖରାପ ଥିବା ଦେଖାଇ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବାକୁ କହିଦେଲେ। ବରଗଡ଼ ହସ୍ପିଟାଲରେ ଜମିମାଫିଆଙ୍କୁ ରଖିଲେ କାଳେ ଲୋକଙ୍କ ନଜରକୁ ଆସିବ ଏବଂ ଅସୁବିଧା ହେବ ସେଥିପାଇଁ ପୁଣି ନୂତନ ଯୋଜନା କରାଯାଇ ଜମିମାଫିଆଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଦେଖାଇ ଡାକ୍ତର ତାଙ୍କୁ ବୁର୍ଲା ବଡ଼ ମେଡିକାଲକୁ ପଠାଇଦେଲେ । ଅଭିଯୁକ୍ତ ଜମି ମାଫିଆ ଗିରଫ ହୋଇ ମଧ ଅର୍ଥ ବଳରେ ସମସ୍ତଙ୍କ ମୁହଁ ଚୁପ କରାଇ ଆରାମରେ ଜେଲ ବଦଳରେ ହସ୍ପିଟାଲରେ ଭର୍ତ୍ତି ହୋଇ ରହିଛନ୍ତି । ଯେତେବେଳେ ଅଭିଯୁକ୍ତ ଜମି ମାଫିଆର କାରନାମାକୁ ବୁଦ୍ଧିଜୀବୀ ମହଲରେ ବ୍ୟାପକ ନିନ୍ଦା କରାଯିବା ସହ ବଡ଼ ଧରଣର ଆନ୍ଦୋଳନ ମୁଣ୍ଡ ଟେକିଛି , ଏପରି ଏକ ସମୟରେ ପୂରା ସିଷ୍ଟମ ଅଭିଯୁକ୍ତ ଜମି ମାଫିଆକୁ ବଞ୍ଚାଇବାରେ ପୂର୍ଣ୍ଣ ସହଯୋଗ କରୁଛି । ବିରାଟ ଧରଣର ଘୋଟାଲା ସମସ୍ତଙ୍କ ମିଲିଭଗତରେ ଚାଲିଛି, ଏହା ସ୍ପଷ୍ଟ ହୋଇଛି । ତୁରନ୍ତ ଜିଲ୍ଲା ପ୍ରଶାସନ ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

ସୂଚନା ଅନୁଯାୟୀ ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅନ୍ତର୍ଗତ ଖେଦାପାଲି ଗ୍ରାମର ଏକ ଚାଷୀ ପରିବାର ତାଙ୍କର ବିନା ଦସ୍ତଖତରେ ତାଙ୍କ ଅନ୍ୟ ଭାଇ ମାନେମିଶି ପୈତୃକ ୧୧ ଏକର ୮୧ ଡ଼ିସମିଲ ଜମିରୁ ୮ ଏକର ୬ ଡ଼ିସମିଲ ଜମିକୁ ଏକ ଜମି ମାଫିଆକୁ ସେମାନଙ୍କ ବିନା ଦସ୍ତଖତରେ ବିକ୍ରୀ କରିଦେଇଥିବା ଅଭିଯୋଗ ନେଇ ବାରମ୍ବାର ଜିଲ୍ଲା ପ୍ରଶାସନ ଓ ପୋଲିସ ନିକଟକୁ ନ୍ୟାୟ ପାଇଁ ଦୌଡ଼ିଥିଲେ ମଧ କୌଣସି ପଦକ୍ଷେପ ନିଆନଯାଇ ଓଲଟା ମାଡପିଟ ଓ ହଣାକଟା ହୋଇ ରକ୍ତାକ୍ତ ହେଲେ ଯାଇ ପୋଲିସ ପାଖକୁ ଆସିବ ବୋଲି ପୋଲିସ କହିବାରୁ ପରିବାର ଲୋକେ ନିରାଶ ହୋଇପଡ଼ିଥିଲେ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଝାରିଙ୍କ ଦ୍ୱାରସ୍ଥ ହୋଇଥିଲେ । ମନ୍ତ୍ରୀ ସୁରେଶ ପୁଝାରୀ ଜିଲ୍ଲା ପ୍ରଶାସନକୁ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଏହି ସମସ୍ୟାର ସମାଧାନ ହେବା ଦୂରର କଥା ଗତକାଲି ରାତିରେ ଜମି କ୍ରୟ କରିଥିବା ମାଫିଆ ଜଣକ ଧାନ ଫସଲ ହୋଇଥିବା ଜମିରେ ମାଟି ପକାଇ ରାତାରାତି ପଡ଼ିଆ କରିଦେଇଥିଲେ । ତେବେ ଚାଷୀ ଜଣକ ସକାଳୁ ନିଜ ବିଲକୁ ଆସି ଦେଖିଲା ବେଳକୁ ଧାନ ଫସଲ ହୋଇଥିବା ଜମି ପୁରା ପଡ଼ିଆ ହୋଇଯାଇଛି । ଚାଷୀ ଜଣକ ମୁଣ୍ଡରେ ହାତ ଦେଇ ଦୁଃଖରେ କାନ୍ଦିବା ଛଡ଼ା ଆଉ କଣ ବା କରିବ । ଖେଦାପାଲି ଗ୍ରାମବାସୀ ଏହି ଘଟଣା ବିଷୟରେ ଜାଣିବା ପରେ ଥାନାକୁ ଯାଇଥିଲେ ମାତ୍ର ସେଠାରେ ଅଭିଯୋଗକାରୀଙ୍କ ଅଭିଯୋଗ ରଖାଯାଇନଥିଲା ଏବଂ ଓଲଟା ପୁଣି ମରାକଟା ହୋଇ ଆସ ପୋଲିସ ପଦକ୍ଷେପ ନେବ ନହେଲେ ଜମିବାଡି କେଶରେ ପୋଲିସ କିଛି କରିପାରିବ ନାହିଁ ବୋଲି କହି ସେମାନଙ୍କୁ ଫେରାଇ ଦେଇଥିଲା । ଯାହାଫଳରେ ଗ୍ରାମବାସୀ ଶେଷରେ କୌଣସି ଉପାୟ ନପାଇ ବରଗଡ଼ ଭଟଲି ରାସ୍ତା ଉପରେ ବସି ରାସ୍ତାରୋକ ଆନ୍ଦୋଳନ କୁ ଓହ୍ଲାଇଥିଲେ । ଦୀର୍ଘ ଘଣ୍ଟା ଧରି ରାସ୍ତା ରୋକ ଆନ୍ଦୋଳନ ହେବାରୁ ବରଗଡ଼ ଭଟଲି ମୁଖ୍ୟ ରାସ୍ତା ରେ ଜାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇପଡ଼ିଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ରୋଗୀ ମାନଙ୍କ ଯିବା ଆସିବାରେ ବ୍ୟାହତ ହୋଇଥିଲା । ଏପରିକି ହସ୍ପିଟାଲ କୁ ଏମ୍ବୁଲେନ୍ସ ଯିବାକୁ ମଧ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏହି ଘଟଣା ରେ ବରଗଡ଼ ପୋଲିସ ଠାରୁ ନ୍ୟାୟ ଆଶା କୁନେଇ ପ୍ରଶ୍ନ ଉଠାଇଛନ୍ତି ଲୋକେ । ଯଦି ପୋଲିସ ପ୍ରଶାସନ ର ଏପରି ଅବସ୍ଥା ଚାଲୁରହେ ତେବେ ବରଗଡ଼ରେ ଜମି ବାଡିକୁ ନେଇ ଅପରାଧିକ ମାମଲା ବଢ଼ିବାରେ ଲାଗିବ ଏବଂ ଆଗକୁ ପରିସ୍ଥିତି ଅସମ୍ଭାଳ ହେବ ବୋଲି ଆଶଙ୍କା କରାଯାଉଛି । ସେ ଯାହାବି ହେଉ ଅଭିଯୁକ୍ତ ତଫିକ ଖାନ କୁ ଘଟଣା ର ପର ଦିନ ଗିରଫ କରି ଗତକାଲି ରାତି ରେ କୋର୍ଟ ରୁ ଏବେ ଜେଲ ଯିବାକୁ ପଡ଼ିଛି ।

## ଦୁର୍ଘଟଣାରେ ନନ୍ଦିଘୋଷ ଟିଭି ସାମ୍ବାଦିକ ଆହତ



**ବରଗଡ଼,୮ ।୧୧ (ସମିସ):** ଆଜି ଅପରାହ୍ଣରେ ଭିଏସଏସ ନଗର ଛକଠାରେ ଦ୍ରୁତ ଗତିରେ ଆସୁଥିବା ଅନ୍ୟ ଏକ ବାଇକ ଆରୋହୀକୁ ବଞ୍ଚାଇବାକୁ ଯାଇ ବରଗଡ଼ ନନ୍ଦିଘୋଷ ଟିଭି ସାମ୍ବାଦିକ ହିମାଂଶୁ ନନ୍ଦ ଡିଭାଇଡରରେ ଜୋରରେ ବାଡେଇ ହୋଇଥିଲେ । ଯ' ଦ୍‌ବାରା ତାଙ୍କର ଗୋଟେ ଆଙ୍ଗୁଠି ଭାଙ୍ଗିଯିବା ସହ ସେ ଆହତ ହୋଇଛନ୍ତି। ସହର ମଧ୍ୟରେ ଯାହା କିଛି ବି ନିର୍ମାଣ ହେଉଛି, ସେ ସବୁ ଜାଗାରେ ସୂଚନା ଫଳକ ସହ ଷ୍ଟପ ବୋଲି ଲେଖି ସୂଚନା ଦିଆଯାଉ। ଯ' ଦ୍‌ବାରା ଲୋକମାନେ ସଚେତନ ହୋଇ ଦୁର୍ଘଟଣାରୁ ରକ୍ଷା ପାଇପାରିବେ।

## ବିଜ୍ଞାନ ମେଳାରେ ଯୋଗଦେଲେ ଏବିଇଓ



**ଅତାବିରା,୮ ।୧୧( ସମିସ):** ଶୁକ୍ରବାର ଅତାବିରା ବ୍ଲକ ପାହାଡ଼ଶ୍ରୀଗିଡ଼ା କ୍ଲଷ୍ଟର ଅନ୍ତର୍ଗତ ଅମଲିପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରବୀଣା ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାରେ ମୁଖ୍ୟଅତିଥି ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ତପନ କୁମାର ଦାସ ତଥା ଅନ୍ୟ ଅତିଥି ବିଚାରକ ରୂପେ ଅବସପ୍ରାପ୍ତ ଶିକ୍ଷକ ଭୋଳନାଥ ବାରିକ, ପିଠାପୋଟଲ ର କ୍ଲଷ୍ଟର ସଂଯୋଜକ କିଚକ ସୁନା ଓ ବିଦ୍ୟାଳୟ ଚେୟାମ୍ୟାନ୍ ଅଶୋକ ସାହୁ ଯୋଗ ଦେଇଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ଗିରିଜା ପ୍ରଧାନ, ରିତା ପଧାନ, ଗୀତା ପଧାନ,ରଞ୍ଜିତା ଭୋଇ, ସଞ୍ଜୁ ଭୁଏ ଓ ଶିକ୍ଷକ ଗୁଣମଣି ଲୁହା, ରବୀନ୍ଦ୍ର ନାଥ ଭୋଇ, ଜିତୁ ମହାନନ୍ଦ, ରିକୁନାଥ ଦାସ, ରାକେଶ କୁମାର ଧରୁଆ, ସଞ୍ଜୟ କୁମାର ଭୋଇ, ତୁଳା ରାମ ପଟେଲ, ଡୋଲେଶ୍ୱର ରଣା, ମଧୁସୂଦନ ରଣା ଆଦି ସମସ୍ତଙ୍କ ସହଯୋଗରେ ମେଳା ସାଫଲ୍ୟ ମଣ୍ଡିତ ହୋଇଛି ।

## ଟିପିଡବ୍ଲ୍ୟୁଓଡିଏଲ୍‌ର ନୂତନ ବିଦ୍ୟୁତ୍ ଡିଭିଜନ୍ କାର୍ଯ୍ୟାଳୟ ଉଦ୍‌ଘାଟିତ

**ବରଗଡ଼, ୮।୧୧(ସମିସ):** ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରକ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍ ବିଦ୍ୟୁତ୍ ଉପଭୋକ୍ତାଙ୍କ ସୁବିଧା ଦୃଷ୍ଟିରୁ ଉନ୍ନତ ଜ୍ଞାନକୌଶଳରେ ନିର୍ମିତ ସମସ୍ତ ବୈଷୟିକ ସୁବିଧା ଥିବା ନିଜସ୍ୱ ସ୍ଥାୟୀ ନୂତନ ଜୋନାଲ୍ କାର୍ଯ୍ୟାଳୟ ଏବଂ ବରଗଡ଼ (ପଶ୍ଚିମ) ବିଦ୍ୟୁତ୍ ଡିଭିଜନ୍ କାର୍ଯ୍ୟାଳୟ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମାଙ୍କ କରକମଳରେ ଶୁଭ ଉଦଘାଟିତ ହୋଇଯାଇଛି। ଏହା ପୂର୍ବରୁ ଟିପିଡବ୍ଲ୍ୟୁଓଡିଏଲ୍‌ର ନିଜସ୍ୱ ସ୍ଥାୟୀ ଅଫିସ୍ କୋଠା ନଥିବାରୁ ଅନେକ ସମୟରେ ଠିକଣା ପରିବର୍ତ୍ତନ ଯୋଗୁଁ ଉପଭୋକ୍ତା ମାନଙ୍କୁ କାର୍ଯ୍ୟାଳୟ ଖୋଜିବାରେ ଅନେକ ଅସୁବିଧା ହେଉଥିଲା। ମାତ୍ର ଏହି ନୂତନ ଏବଂ ସ୍ଥାୟୀ କାର୍ଯ୍ୟାଳୟ ଯୋଗୁଁ ଉପଭୋକ୍ତାଙ୍କୁ ଆଉ ବିଦ୍ୟୁତ୍ କାର୍ଯ୍ୟାଳୟର ଠିକଣା ପରିବର୍ତ୍ତନର ଚିନ୍ତା ରହିବ ନାହିଁ । ଏହି ଉଦଘାଟନୀ ଅବସରରେ କମ୍ପାନୀର ସମସ୍ତ ବିରଷ୍ଠ ଅଧିକାରୀ ତଥା ବରଗଡ଼ ବିଦ୍ୟୁତ୍ ମଣ୍ଡଳର ଅଧିକାରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ।

# ୧୩ରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା




**ଅତାବିରା, ୮ ।୧୧(ସମିସ):** ସ୍ଥାନୀୟ ଅତାବିରା ଉଚ୍ଚ ବିଦ୍ୟାଳୟଠାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାରଙ୍କ ଅଧକ୍ଷତାରେ ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୪ ପାଇଁ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ, ସ୍ଥାନୀୟ ପ୍ରଧାନ ଶିକ୍ଷକ ମନୋଜ ହରିପାଲ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ବେହେରା ଯୋଗଦେଇଥିବା ବେଳେ ବ୍ଲକର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ତଥା ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ବୈଠକରେ ଏହି ବ୍ଲକ୍ ସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଆସନ୍ତା ୧୩ ନଭେମ୍ବର ଲହଣ୍ଡା ଉଚ୍ଚ ବିଦ୍ୟାଳୟରେ କରିବା ପାଇଁ ସ୍ଥିର କରାଯାଇଥିଲା। ରାଜ୍ୟ ସରକାରଙ୍କ ଦ୍‌ବାରା ପ୍ରଦତ୍ତ ନିର୍ଦ୍ଦେଶାବଳୀ ଅନୁସାରେ ବିଜ୍ଞାନ ପ୍ରକଳ୍ପ ପ୍ରତି ବିଦ୍ୟାଳୟରୁ ଆଣିବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିର୍ଦ୍ଦେଶ ଦେବା ସହ ଅନଲାଇନ୍ ପଞ୍ଜୀକରଣ ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯକ୍ରମଟିକୁ ସଫଳତାର ସହ ଆୟୋଜନ କରିବା ପାଇଁ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା, ସନ୍ତୋଷ କର, ପ୍ରମୋଦ ମେହେର, ଯାଦବ ପ୍ରଧାନ, ସ୍ନିଗ୍ଧାରାଣୀ ପଣ୍ଡା, ବିଜ୍ଞାନ ଶିକ୍ଷକ ଧର୍ମରାଜ ପ୍ରଧାନ, ସିଆରସିସି ନନ୍ଦିଘୋଷ ଭୁଏ, ତ୍ରିଲୋଚନ ସେଠ୍, ଶିକ୍ଷକ ଧର୍ମେନ୍ଦ୍ର ପତି, ତ୍ରିଲୋଚନ ଖମାରୀ ପ୍ରମୁଖ ସୁମତାମତ ପ୍ରଦାନ କରିଥିଲେ। ଶେଷରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ ଧନ୍ୟବାଦ ଅର୍ପଣ କରିଥିଲେ ।

TPCODL

ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ନୋଟିସ୍ : ଟିପିସିଓଡିଏଲରେ ଆଇଟି ସିଷ୍ଟମ ଉନ୍ନତୀକରଣ

କାର୍ଯ୍ୟଦକ୍ଷତା ଓ ସେବାର ଭରସାଯୋଗ୍ୟତା ବୃଦ୍ଧି ପାଇଁ ଜାରି ରହିଥିବା ଆମର ନିରନ୍ତର ଉଦ୍ୟମ କ୍ରମେ ଟିପିସିଓଡିଏଲ ଆସନ୍ତା ୧୦ ନଭେମ୍ବର ୨୦୨୪ ଠାରୁ ନିଜର ଆଇଟି ସିଷ୍ଟମର ଉନ୍ନତୀକରଣ କରିବ ।

ଏହି ଉନ୍ନତୀକରଣ ସମୟରେ ଆମର ବିଭିନ୍ନ ଉପଭୋକ୍ତା ସେବା ଯେପରିକି କଲ୍ ସେଣ୍ଟର, ଅନଲାଇନ ଦେୟସଂଗ୍ରହ, କାଉଣ୍ଟର ଦେୟସଂଗ୍ରହ, ନୂଆ ସଂଯୋଗ ଆବେଦନ, ୱେବସାଇଟ୍ ଓ ମିତ୍ର ଆପ୍ ଆଦିରେ ସାମୟିକ ଧୀମାବସ୍ଥା ବା ବିଳମ୍ବିତ ଉତ୍ତର ଦେଖାଯାଇପାରେ । ଏସବୁ ବ୍ୟାଘାତକୁ ଯଥାସମ୍ଭବ କମ କରିବାକୁ ଆମେ ଉଦ୍ୟମ କରୁଛୁ ଓ ୧୬ ନଭେମ୍ବର ୨୦୨୪ ସୁଦ୍ଧା ସଂପୂର୍ଣ୍ଣ ସେବା ପର୍ଯ୍ୟାୟକ୍ରମେ ସ୍ୱାଭାବିକ ହୋଇଯିବ ।

ଆମେ ଆପଣଙ୍କ ଧୈର୍ଯ୍ୟ ଏବଂ ସହଯୋଗ କାମନା କରୁଛୁ କାରଣ ଆମେ ଅଧିକ ଭରସାଯୋଗ୍ୟ ସେବା ଅନୁଭୂତି ପାଇଁ ଆମର ଭିତ୍ତିଭୂମିରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟ କରୁଛୁ।

## ମହାତ୍ମାଗାନ୍ଧୀ ସ୍ନାତକ ମହାବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

# ୫୭ ୟୁନିଟ୍ ରକ୍ତ ସଂଗୃହୀତ

**ଆମ୍ବାଭୋନା,୮ ।୧୧ (ସମିସ)**

ଓଡ଼ିଶା ରାଜ୍ୟ ରେଡକ୍ରସ ର ଫାଉଣ୍ଡର ହେନେରୀ ଡୋଣ୍ଟସଙ୍କ ସ୍ମୃତିରେ ମହାତ୍ମା ଗାନ୍ଧୀ ସ୍ନାତକ ମହାବିଦ୍ୟାଳୟ ଭୁକ୍ତା ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ତଥା ଅଞ୍ଚଳବାସୀ ନିଜ ନିଜର ଇଚ୍ଛାରେ ରକ୍ତଦାନ କରିଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷା କଳ୍ପନା ମିଶ୍ର ଓ ଅଧ୍ୟାପକ ଡ଼ ବିକାଶ ଚନ୍ଦ୍ର ପଧାନଙ୍କ ତତ୍ତ୍ୱାବଧାନରେ ୫୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଏଥିରେ ମହାବିଦ୍ୟାଳୟ ର ମ୍ୟାନେଜମେଣ୍ଟ କମିଟିର



ପ୍ରେସିଡେଣ୍ଟ କେଶବ ପଧାନ, ସ୍ୱର୍ଗତ ଡାକ୍ତର ଶରତ ପଧାନଙ୍କ ଧର୍ମପତ୍ନୀ ରୀତା ପଧାନ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନ୍ତର୍ଯାମୀ ସାହୁ, ଦୟାସାଗର ନାୟକ, ସୁବୋଧ ରଥ, ଦୟାନିଧି ସା, ଅନିଲ ଦେବତା, ଶରତ ଚନ୍ଦ୍ର ଦେହେରୀ, ଲୀନା ଦାଶ, ଆଶୁତୋଷ ମିଶ୍ର, ଚଣ୍ଡୀରାମ ନାୟକ, ରାଜେଶ ପଟେଲ ଓ ଭୋଜରାଜ ନାୟକ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରେ ଛାତ୍ରୀ ନିରୁପମା ଖଡିଆ, ସୀମା ପଧାନ, ରୀତିସ୍ମିତା ପଧାନ, ଝରଣା କନ୍ଧ, ନୀତା ମିର୍ଦ୍ଧା, ବେବି ସା, ସୁନିତା ପଧାନ, ବିଶାଖା ଭୋଇ ଓ ରଜନୀ ନାୟକ ଭୋଲିଣ୍ଟିଅର ଦାୟିତ୍ୱ ନିଭାଇଥିଲେ ।

# ବିହାରୀ ସଂପ୍ରଦାୟର ଛଟ୍ ପୂଜା



**ଥୁଆପାଲି, ୮।୧୧(ସମିସ):** ବରଗଡ଼ ଜିଲ୍ଲା ଥୁଆପାଲି ବଡ଼କେନାଲ ଠାରେ ବିହାରୀ ସଂପ୍ରଦାୟର ଛଟ୍ ପୂଜା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅସ୍ତଗାମୀ ସୂର୍ଯ୍ୟ ଓ ଉଦୟ ସୂର୍ଯ୍ୟ ଦେବତାଙ୍କୁ ବିଭିନ୍ନ ପ୍ରକାର ଫଳମୂଳ ଲାଗି ପୂଜାକରାଯାଇଥିଲା । ଏହି ଛଟ୍ ପୂଜା ଫଳରେ ସନ୍ତାନପ୍ରାପ୍ତି, ପରିବାରରେ ସୁଖ ଶାନ୍ତି ଓ ମନୋସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଆସିଛି । ଏହି ଅବସରରେ ଅତିଥି ଭାବେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଭୋଲା ସାହାନୀ, ଶିବ କୁମାର ଚୌଧୁରୀ, ମନିଷ ସିଂ, ବିକେଶ ସାହାନୀ, ସୁରେଶ ଶର୍ମା, ଧର୍ମେନ୍ଦ୍ର ସାହାନୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

## ■ ଡାଲଖାଇ ମହୋତ୍ସବ ଆୟୋଜନ ପାଇଁ ପ୍ରସ୍ତୁତି

# ସାଂସଦଙ୍କୁ ଭେଟିଲେ ପଶ୍ଚିମ ଓଡ଼ିଶା କଳାକାର

**ବରଗଡ଼,୮ ।୧୧( ସମିସ):** ବରଗଡ଼ରେ ଆସନ୍ତା ଡିସେମ୍ବର ମାସରେ ଡାଲଖାଇ ମହୋତ୍ସବ ଆୟୋଜନ ପାଇଁ ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବଉଳ ଝୁପାର ଅଧ୍ୟକ୍ଷ ଚୈତନ୍ୟ ପାଇକଙ୍କ ନେତୃତ୍ୱରେ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସଂଯୋଜକ ପ୍ରମୋଦ ଦାଶ ,ନୃତ୍ୟ ନିର୍ଦ୍ଦେଶକ ରାଜେଶ ବାରିକ, ସାମାଜିକ କର୍ମୀ ସଂଘମିତ୍ରା ପଟେଲ, ମଞ୍ଚ ଅଭିନେତା ସନ୍ତୋଷ ସାହୁ ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କୁ ତାଙ୍କ ବାସଭବନରେ ଭେଟି ଏହି କାର୍ଯ୍ୟକ୍ରମ ଆୟୋଜନ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଛନ୍ତି । ୧୩ ହଜାର କଳାକାରଙ୍କୁ ନେଇ ଗିନିଜ ବୁକ୍ ଅଫ୍ ୱାର୍ଲଡ ରେକର୍ଡ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିବା ସାଂସଦ ଶ୍ରୀ ପୁରୋହିତଙ୍କୁ ଅବଗତ କରାଯାଇଥିବା ବେଳେ ଏଥିପାଇଁ ଆବଶ୍ୟକ ଆର୍ଥିକ ସହାୟତା ରାଶି ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗକୁ ମଧ୍ୟ ଅନୁରୋଧ କରାଯାଇଥିବା ବଉଳ ଝୁପା ସାଂସ୍କୃତିକ ଅନୁଷ୍ଠାନର ଅଧ୍ୟକ୍ଷ ଚୈତନ୍ୟ ପାଇକ ସୂଚନା ପ୍ରଦାନ କରିଛନ୍ତି । ଆର୍ଥିକ ଅନୁଦାନ ମଞ୍ଜୁରୀ ମିଳିଲା ପରେ ତାରିଖ ଘୋଷଣା କରାଯିବ ବୋଲି ଶ୍ରୀ ପାଇକ ସୂଚନା ପ୍ରଦାନ କରିଛନ୍ତି ।



# ଧର୍ମପରାୟଣ ମହିଳାଙ୍କ ପରଲୋକ

**ଭେଡେନ,୮ ।୧୧(ସମିସ):** ଭେଡେନ ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ପଣ୍ଡାଙ୍କ ବଡ଼ ଭଉଣୀ ହୀରାବତୀ ପଣ୍ଡା (୫୬)



ଙ୍କ ଗୁରୁବାର ହୃତଘାତରେ ମୃତ୍ୟୁ ଘଟିଛି । ହୀରାବତୀଙ୍କୁ ୨ ଦିନ ଆଗରୁ ଝାଡ଼ାବାନ୍ତି ହେବାରୁ ପରିବାର ଲୋକେ ବରଗଡ଼ ସରକାରୀ ହସ୍ପିଟାଲକୁ ନେଇ ଚିକତ୍ସା କରୁଥିଲେ । ହେଲେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ଡାକ୍ତର ପ୍ରକାଶ କରିଥିଲେ । ଏକ ଶୋକାକୁଳ ପରିବେଶରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା ।

## ରାଜରାସ୍ତାରେ ଗୋରୁଗାଈଙ୍କ ରାଜ୍

# ନିଃଶୁଳ୍କ ଗୋଶାଳା ଖୋଲିବାକୁ ଦାବି

**ଗୁଦେରପାଲି,୮ ।୧୧(ସମିସ):** ରାଜରାସ୍ତାରେ ବେଧଡ଼କ ଗୋରୁଗାଈ ବୁଲୁଛନ୍ତି । ମାଲିକମାନଙ୍କ ଏନେଇ ଖାତିର ବି ନାହିଁ । ସ୍ୱାର୍ଥପର ମଣିଷ ସକାଳୁ କ୍ଷୀର ଧୋଇ ଦେଇ ନିଜ ଗାଈ ଗୋରୁଙ୍କୁ ରାଜ ରାସ୍ତାରେ ଛାଡ଼ିଦେଉଛି । ରାତିସାରା ରାଜରାସ୍ତାରେ ଖରା ବର୍ଷା କାକର ଖାଇ ଗାଈ ଗୋରୁ ଆଶ୍ରୟନେଉଛନ୍ତି । ସକାଳ ହେଲା ମାତ୍ରକେ ପ୍ରତିଦିନ ଗାଡ଼ି ମଟର ଧକ୍କାରେ ଅନେକ ନିରୀହ ଗୋମାତାଙ୍କ ଜୀବନ ଚାଲି ଯାଉଛି । ଉକ୍ତ ସମସ୍ୟାକୁ ଦୃଷ୍ଟି ଗୋଚର କରି ରାଜ୍ୟ ସରକାର ପଦ୍ମପୁର ଉପଖଣ୍ଡ ଗାଇସିଲେଟ କିମ୍ବା ବିଜେପୁର ଅଞ୍ଚଳରେ ଏକ ନିଃଶୁଳ୍କ ଗୋଶାଳା ଖୋଲନ୍ତୁ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।



# ବ୍ରଜେଶ୍ୱରୀଙ୍କ ବାର୍ଷିକ ସ୍ନାନ ଉତ୍ସବ

**ବରପାଲି,୮ ।୧୧ (ସମିସ):** ବରପାଲି ଅଞ୍ଚଳର ବିଭିନ୍ନ ଗ୍ରାମାଞ୍ଚଳରେ ବ୍ରଜେଶ୍ୱରୀ ଦେବୀଙ୍କ ବାର୍ଷିକ ସ୍ନାନ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି । ଶୁକ୍ରବାର କଳାଗ୍ରାମର ଦୁଇଟି ସ୍ଥାନରେ ରୁପାରେ ତିଆରି ଶ୍ରୀକୃଷ୍ଣଙ୍କ ମୟୂର ଚନ୍ଦ୍ରିକା ରୂପକ ଦେବୀଙ୍କ ବାଙ୍କଚୁଳ ଆସ୍ଥାନ ହୋଇଥିଲା । ପଣ୍ଡିତମାନଙ୍କ ଦ୍ୱାରା ନୀତି ପ୍ରଥା ଅନୁକରଣରେ ଉତ୍ସବ ପାଳିତ ହୋଇଥିଲା । ଏହି ଅବସରରେ ରାଜନେତାଙ୍କ ସମେତ ଜନ ପ୍ରତିନିଧି, କଳାପ୍ରେମୀ,ମାନସିକଧାରୀ ଭକ୍ତ ମଣ୍ଡଳୀଙ୍କ ଦିନ ତମାମ ଭିଡ଼ ଲାଗି ରହିଥିଲା । ବ୍ରଜେଶ୍ୱରୀ ନୃତ୍ୟକଳା ପରିଷଦ ପ୍ରାଙ୍ଗଣରେ ତ୍ରିଦିବସୀୟ ଭାବରେ ଏହା ପାଳିତ ହୋଇଥିଲା । ପଣ୍ଡିତ କୁନା ପୂଜାରୀଙ୍କ ସହଯୋଗରେ ପୂଜାର୍ଚ୍ଚନା ନୀତିକାନ୍ତି ପାଳିତ ହୋଇଥିଲା । ସେହିପରି ଠୁନଠୁନିଆପଡ଼ା ବ୍ରଜେଶ୍ୱରୀ ନାଟ୍ୟ କଳାସଂସଦ ପରିସରରେ ପଣ୍ଡିତ ଆର୍ତ୍ତତ୍ରାଣ ପଣ୍ଡାଙ୍କ ଦ୍ୱାରା ପୂଜାନୀତି ପାଳିତ ହୋଇଥିଲା । ସଂକୀର୍ତ୍ତନ ବାଜାଗାଜା ସହ ଦେବୀଙ୍କ ଶୋଭାଯାତ୍ରା ପରିକ୍ରମା ମାଧ୍ୟମରେ ମଣ୍ଡପରେ ପହଞ୍ଚିଲା ପରେ ପ୍ରଥା ଅନୁଯାୟୀ ସ୍ଥାପନ କରାଯାଇଥିଲା । ସେହିପରି ସତଲମା, କନବାର, ବଡ଼ଗାଁ, କାଁଇଶିର ପ୍ରଭୃତି ଗ୍ରାମରେ ଦେବୀଙ୍କ ସ୍ନାନ ଉତ୍ସବ ପାଳିତ ହୋଇଥିଲା । ରାତ୍ର ସମୟରେ ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାନ ମଞ୍ଚସ୍ଥ ହୋଇଥିଲା ।



# ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ୍ ତାଲିମ ଶିବିର

**ବରପାଲି,୮ ।୧୧ (ସମିସ):** ବରପାଲି ମହାବିଦ୍ୟାଳୟ ପରିସରରେ ତିନିଦିନିଆ ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ୍ ତାଲିମ ଶିବିର ଉଦଘାଟିତ ହୋଇଯାଇଛି । ଶୁକ୍ରବାର ପୂର୍ବାହ୍ନରେ ମୂଖ୍ୟଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା ସଭାପତି ଡ.ରବିନ୍ଦ୍ର କୁମାର ଗଡ଼ତିୟା ରେଡକ୍ରସ ପତାକା ଉତ୍ତୋଳନ ସହ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷା ଜୟନ୍ତୀ ଦାଶଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା । ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଆବାହକ ଡ.ନକୁଳ ସେଠ,ସୁରେନ୍ଦ୍ର କୁମାର ଦାଶ, ଜିଲ୍ଲା ସଂଯୋଜକ ପରମାନନ୍ଦ ରଥ ଓ ଅଧ୍ୟାପକ ସୁଶିଲ କୁମାର ସପପଥି ପ୍ରମୁଖ ଯୋଗ ଦେଇଥିଲେ । ମହାବିଦ୍ୟାଳୟ ସଂଯୋଜକ ଅଧ୍ୟାପକ ଅଲେଖ ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା । ଜିଲ୍ଲାର ୫୮ଟି ମହାବିଦ୍ୟାଳୟରୁ ଶିକ୍ଷାର୍ଥୀଙ୍କ ସହ ବିଭାଗୀୟ ସଂଯୋଜକମାନେ ସାମିଲ ହୋଇଛନ୍ତି । ପରେ ବଟାନୀ ଅଧ୍ୟାପକ ଉମାକାନ୍ତ ନାଗ , ପି.ନନ୍ଦ, ଅଧ୍ୟାପକ ଜେ.ମିଶ୍ର, ଜେ.କେ ସାହୁ ଓ ପି ସି ମିଶ୍ର ପ୍ରମୁଖ ତାଲିମ ପ୍ରଦାନ କରିଥିଲେ । ପରେ ସମସ୍ତ ଶିକ୍ଷାର୍ଥିଙ୍କୁ ନେଇ ରଚନା,ବକ୍ତୃତା ଓ ସଂଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।



## ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

# ୧୯୮ ଜଣ ଭିନ୍ନକ୍ଷମ ସାମିଲ



**ଅମ୍ବାଭୋନା ,୮ ।୧୧(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ପରିସରରେ ଶୁକ୍ରବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୧୯୮ ଜଣ ଦିବ୍ୟାଙ୍ଗ ଭିନ୍ନକ୍ଷମ ସାମିଲ ହୋଇଥିଲେ । ତନ୍ମଧ୍ୟରୁ ୧୪୨ ଜଣ ଭିନ୍ନକ୍ଷମଙ୍କୁ ପରିଚୟପତ୍ର ପାଇଁ ଚୟନ କରାଯାଇଥିଲା । ଅସ୍ଥିଶଲ୍ୟ ବିଶେଷଜ୍ଞଭାବେ ଡା. ସଂଜୟ କୁମାର ନାୟକ, ଚକ୍ଷୁ ବିଶେଷଜ୍ଞ ଡା.ବିଶ୍ୱମ୍ବର ଶତପଥୀ, ନାଶା ଗଳା କର୍ଣ୍ଣ ବିଭାଗରେ ଡା. ପ୍ରଭାତ କୁମାର ରାଉଳ, ମେଡିସିନ ବିଭାଗରେ ଡା. ରାମପ୍ରସାଦ ସାହୁ ଏବଂ ମାନସିକ ଅନଗ୍ରସର ପାଇଁ ନେପାଳ ଦୁଆନ ପ୍ରମୁଖ ଯୋଗଦେଇ ଶିବିରାର୍ଥୀଙ୍କୁ ପରୀକ୍ଷା ନିରୀକ୍ଷା କରିଥିଲେ । ଏହି ଅବସରରେ ୭ ଜଣଙ୍କୁ ବସ୍ ପାସ,୨୭ ଜଣଙ୍କୁ ଶ୍ରବଣ ଯନ୍ତ୍ର ଓ ୧ ଜଣଙ୍କୁ ହ୍ୱିଲ ଚେୟାର ବଣ୍ଟନ କରାଯାଇଥିଲା । ଅମ୍ବାଭୋନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଙ୍କର ବାଗ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର୍ ହୁସେନ, ଟିକେଶ୍ୱର ପଟେଲ, ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ, ବିଧାୟକ ପ୍ରତିନିଧି ଗୁନାରୁ ପଧାନ ପ୍ରମୁଖ ଉପସ୍ଥିତ ରହିଥିଲେ । ନବଜ୍ୟୋତି ଦିବ୍ୟାଙ୍ଗ ସଂଘ ପ୍ରକାଶପୁର ଓ ବ୍ଲକ କର୍ମଚାରୀଗଣ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ବରଗଡ଼ ଆରଏମସି ସେକ୍ରେଟାରୀ ଭାବେ ଯୋଗଦେଲେ ସୁକାନ୍ତ ଦାଶ

**ବରଗଡ଼ ,୮ ।୧୧ (ସମିସ):** ବରଗଡ଼ ଆରଏମସି ସେକ୍ରେଟାରୀ ଭାବରେ ସୁକାନ୍ତ ଦାଶ ଆଜି ଯୋଗ ଦେଇଛନ୍ତି । ସେ ଭାରତୀୟ ଜନତା ପାର୍ଟିର ପୂର୍ବତନ ବରଗଡ଼ ଜିଲ୍ଲା ସଭାପତି, ଏସଡିସିସି. ବ୍ୟାଙ୍କ ଓ ହାଉସିଂ ବୋର୍ଡ କୋ-ଅପେରେଟିଭ ସୋସାଇଟିର ପୂର୍ବତନ ସଭାପତି ଓ ବରଗଡ଼ ବାର୍ ଏସୋସିଏସନର ସଦସ୍ୟ ଭାବରେ ରହିଆସିଛନ୍ତି । ପୂର୍ବରୁ ଦୁର୍ଗାପ୍ରସାଦ ଛୁରିଆଙ୍କୁ କଣ୍ଟାବାଞ୍ଜିକୁ ବଦଳି କରାଯିବା ପରେ କିଛିଦିନ ହେବ ଏହି ପଦବୀ ଖାଲି ପଡିଥିଲା । ଆଗକୁ ଜିଲ୍ଲାରେ ଧାନ ସଂଗ୍ରହ ଆସୁଥିବାରୁ ଜଣେ ଦକ୍ଷ ତଥା ଲୋକପ୍ରିୟ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି । କିପରି ସୁରୁଖୁରୁରେ ଧାନ ସଂଗ୍ରହ ଚାଲିବ ଆଉ ଚାଷୀ ଭାଇମାନେ ସେମାନଙ୍କ ପ୍ରାପ୍ୟ ଠିକ୍ ଭାବରେ ପାଇବେ, ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀଯୁକ୍ତ ଦାଶ କହିଛନ୍ତି । ଆଜି ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ସାକ୍ଷାତ କରି ସେ ନିଜ ଦାୟିତ୍ୱ ଗ୍ରହଣ କରିଥିଲେ ।



# ଅବସରପ୍ରାପ୍ତ ବିଦ୍ୟୁତ କର୍ମଚାରୀଙ୍କ ବୈଠକ

**ପାଇକମାଲ, ୮ ।୧୧ (ସମିସ) :** ବରଗଡ଼ ଜିଲ୍ଲା ପାଇକମାଲ ଗ୍ରୀଡ ସବଷ୍ଟେସନ ପରିସରରେ ପେନସନଭୁକ୍ତ ୱେସ୍କୋ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଏକ ବୈଠକ ଭରତ ଭୋଇଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥିଭାବେ ବଡ଼ ଶତପଥି, ଯୋଗଦେଇ ସମସ୍ତ ପେନସନଭୁକ୍ତ କର୍ମଚାରୀଙ୍କୁ ପ୍ରଥମେ ନୂଆଁଖାଇ ଜୁହାର କରିଥିଲେ । ପ୍ରତିବର୍ଷ ଅବସରପ୍ରାପ୍ତ କର୍ମଚାରୀ ତଥା ପେନସନଭୁକ୍ତ କର୍ମଚାରୀମାନଙ୍କୁ ପଦ୍ମପୁର ଲାଇଭ ସାର୍ଟିଫିକେଟ ପାଇଁ ଯିବାକୁ ପଡୁଥିଲା । ତେଣୁ ବରଗଡ଼ ଟାଟା ପାୱାର ଏକଜିକୁଟିଭ ଇଞ୍ଜିନିଅର ଅନୁପମ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଡିଡିଓ ଗୁଣମଣି ଖମାରି, ଅବିନାଶ ଚୌଧୁରୀ, ସତ୍ୟବ୍ରତ ମହାରଣା, ଓ ଧନଞ୍ଜୟ ପ୍ରଧାନ ପାଇକମାଲ ଆସି ପେନସନଭୁକ୍ତ କର୍ମଚାରୀ ୪୦ ଜଣଙ୍କ ଲାଇଭ ସାର୍ଟିଫିକେଟ ଶୁକ୍ରବାର କରିଥିବାରୁ ବୈଠକରେ ସମସ୍ତେ ଶ୍ରୀ ଦାସଙ୍କୁ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଥିବା ୮୪ ବର୍ଷୀୟ ଧରମ ତାଣ୍ଡିଙ୍କୁ ସ୍ୱାଗତ କରାଯାଇଥିଲା । ଆଦିକନ୍ଦ ସାମଲ, ଭରତ ରଣା ପ୍ରମୁଖ ଉପସ୍ଥିତ ଥିବାବେଳେ ଶେଷରେ ଗାନ୍ଧୀ ବାଗ ଧନ୍ୟବାଦ ଦେଇଥିଲେ ।



# ମହିଳା ମାଧ୍ୟମିକ ବିଦ୍ୟାଳୟରେ ସାଂସ୍କୃତିକ ପ୍ରତିଯୋଗିତା

**ବରପାଲି,୮ ।୧୧ (ସମିସ):** ବରପାଲି ଜେଡି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ତିନିଦିନିଆ ସାଂସ୍କୃତିକ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ଶୁକ୍ରବାର ପୂର୍ବାହ୍ନରେ ଅଧ୍ୟକ୍ଷ ପ୍ରଦୀପ ମେହେର ଏହାକୁ ଉଦଘାଟନ କରିଥିଲେ । ଅଧ୍ୟାପିକା ନିବେଦିତା ପଟେଲ ସ୍ୱାଗତ ଜଣାଇଥିଲେ । ଉଦଘାଟନୀ ଦିବସରେ ଯୋଗଗୁରୁ କୃଷ୍ଣଚନ୍ଦ୍ର ମେହେର ଅତିଥି ବିଚାରକ ଭାବରେ ଯୋଗ ଦେଇଥିଲେ । କ୍ରୀଡ଼ା ଶିକ୍ଷୟିତ୍ରୀ ବନ୍ଦିତା ପ୍ରଧାନଙ୍କ ତତ୍ତ୍ୱାଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ଅଧ୍ୟାପକ ସୁରେଶ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅତିଥିମାନେ ଛାତ୍ରୀଙ୍କୁ ଯୋଗ ଓ ପ୍ରାଣାୟମ ସମ୍ପର୍କରେ ମାନସିକ ଓ ଶାରୀରିକ ସ୍ତରରେ ପଡୁଥିବା ପ୍ରଭାବ ଓ ସ୍ୱାସ୍ଥ୍ୟର ଉନ୍ନତି ସମ୍ବନ୍ଧରେ ବୁଝାଇଥିଲେ ।

# ସଂପାନ କାର୍ଯ୍ୟକ୍ରମ ଅନୁଷ୍ଠିତ



**ଭେଡେନ,୮ ।୧୧(ସମିସ):** ଭେଡେନ ସ୍ଥିତ ଆଞ୍ଚଳିକ କିଷାନ ମହାବିଦ୍ୟାଳୟ ପରିସରରେ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ସଂପାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂପାନ କାର୍ଯ୍ୟକ୍ରମର ବିଷୟ 'ଏକ ରାଷ୍ଟ୍ର ଏକ ନିର୍ବାଚନ' । କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଳା ସାହୁ ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଛାତ୍ରୀ ପ୍ରତୀକ୍ଷା ପଧାନ, ଅନିତା ମାଝୀ, ବିକାଶ ବାଗ, ଲକ୍ଷ୍ମୀ ଦିଆଲ, ଶକ୍ତିମୟୀ ଛନ୍ଦ, ମନିଷା ଥାଟି ସଂପାନ ପଠନ କରିଥିଲେ । କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ରଞ୍ଜନ କୁମାର ଦାଶ, ଭୀଷ୍ମଦେବ ଛନ୍ଦ,ରାଜେଶ ମେହେର ଉପସ୍ଥିତ ଥିଲେ ।

# ବିକାଶର ବାର୍ଷିକ କ୍ରୀଡ଼ା ଉତ୍ସବ; ଭାଗନେଲେ ହଜାରେରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ

**ବରଗଡ଼,୮ ।୧୧(ସମିସ)**

ବରଗଡ଼ସ୍ଥିତ ବିକାଶ ହାୟର୍ ଏଜୁକେସନାଲ୍ ଇନଷ୍ଟିଚ୍ୟୁସନ୍ସ ଓ ବିକାଶ ଫାଷ୍ଟ ଷ୍ଟେପ୍ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ନଭେମ୍ବର ୬ ଓ ୭ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ଏହି ଦୁଇଦିନିଆ କ୍ରୀଡ଼ା ଉତ୍ସବରେ ୧୮ଟି କ୍ରୀଡ଼ାରେ ବିକାଶ ଫାଷ୍ଟ ଷ୍ଟେପ୍ ସ୍କୁଲରୁ ୭୦୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଓ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସରୁ ୩୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗନେଇଥିଲେ । ଏହି କ୍ରୀଡ଼ା ଉତ୍ସବରେ ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାର୍‌ମେନ୍ ଡି.ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ । ଉତ୍ସବରେ ବିଜେତା ମାନଙ୍କୁ ପ୍ରମାଣପତ୍ର ଓ ମେଡାଲ୍ ପ୍ରଦାନ କରାଯାଇଥିଲା । ବିକାଶ ହାୟର ଏଜୁକେସନାଲ ଲ



ଇନଷ୍ଟିଚ୍ୟୁସନ୍ସର ଚିଫ୍ ଏଡମିନିଷ୍ଟ୍ରେଟିଫ୍ ଅଫିସର ଇ. ଅଜୟ କୁମାର ମହାପାତ୍ର, ସିନିୟର ଏଡ୍‌ଭାଇଜର ପି.କେ. ଦାଶ୍, ବିକାଶ ସ୍କୁଲ୍ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡ.କ୍ଷୀରୋଦ ପ୍ରଧାନ, ବିକାଶ ଡିଗ୍ରୀ କଲେଜର ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର, ବିକାଶ ଫାଷ୍ଟ ଷ୍ଟେପ୍‌ର ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର, ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଡ.ପୂର୍ଣ୍ଣେନ୍ଦୁ ମିଶ୍ର, ନର୍ସ କଲେଜ୍‌ର ଅଧ୍ୟକ୍ଷା ଦୀପାଞ୍ଜଳି ପଟେଲ, ଡୀନ୍ ଷ୍ଟୁଡେଣ୍ଟ ଏଫେୟାର ଆର୍.ଏସ୍.ଭି. କ୍ରିଷ୍ଣା, ବିଜନେସ୍ ସ୍କୁଲ ଉପାଧ୍ୟକ୍ଷ ଦୀପକ କୁମାର ନାୟକ ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ । ଏହି ଦୁଇଦିନିଆ କ୍ରୀଡ଼ା ଉତ୍ସବଟି ବିକାଶ ପଲିଟେକ୍ନିକ୍‌ର ଅଧ୍ୟକ୍ଷ ଡ. ଦିଲ୍ଲୀପ ଖମାରୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଅଧ୍ୟାପକ ଡ.ଗିରୀଶ ପ୍ରଧାନ ଓ କ୍ରୀଡ଼ା ଶିକ୍ଷକ ଏସ୍.କେ. ଫେଜ୍, ମନୋଜ କୁମାର ନାୟକ, ମିତ୍ରଭାନୁ ପଣ୍ଡା ପ୍ରମୁଖଙ୍କ ସହଯୋଗରେ ସମ୍ପାଦିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିକାଶ ଡିଗ୍ରୀ କଲେଜର ଅଧ୍ୟାପକ ସୂରଜ କୁମାର ପଣ୍ଡା ଉଭୟ ଉଦ୍‌ଘାଟନ ଏବଂ ଉଦ୍‌ଯାପନ ସଭାକୁ ପରିଚାଳନା କରିଥିଲେ ।

## ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନ୍‌ସନ୍ ଓ ବକେୟା ପ୍ରାପ୍ୟ ପ୍ରଦାନ ପାଇଁ ୯ ବର୍ଷ ବିଳମ୍ବ

# ୨ ମାସରେ ବାର୍ଷିକ ୭% ସୁଧ ଦିଅ: ହାଇକୋର୍ଟ

**କଟକ, ୮।୧୧(ସମିସ):** ଅବସର ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜଣେ କର୍ମଚାରୀଙ୍କୁ ପେନସନ୍ ଓ ଅନ୍ୟାନ୍ୟ ବକେୟା ପ୍ରାପ୍ୟ ପ୍ରଦାନରେ ୯ ବର୍ଷ ବିଳମ୍ବ ହେବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ମାମଲାର ଶୁଣାଣି କରି ଆବେଦନକାରୀଙ୍କୁ ଉପରୋକ୍ତ ଅବଧି ପାଇଁ ବାର୍ଷିକ ୭ ପ୍ରତିଶତ ହାରରେ ସୁଧ ଅର୍ଥ ଆସନ୍ତା ଦୁଇ ମାସ ମଧ୍ୟରେ ପଇଠ କରିବା ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଚୈତନ୍ୟ ପ୍ରସାଦ ତ୍ରିପାଠୀଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ କୌଣସି ତ୍ରୁଟି ନଥିବା ବେଳେ ବିଳମ୍ବରେ ପେନସନ ଓ ଅନ୍ୟ ବକେୟା ପ୍ରାପ୍ୟ ପ୍ରଦାନ ହେତୁ ସୁଧ ବାବଦ ଅର୍ଥ ପାଇବାକୁ ଆବେଦନକାରୀ ଯୋଗ୍ୟ ବୋଲି ହାଇକୋର୍ଟ କହିଛନ୍ତି।

# ଓବିସି ମଞ୍ଚର ପଞ୍ଚାୟତସ୍ତରୀୟ କମିଟି ଗଠନ

**କୋଲାବିରା, ୮।୧୧(ସମିସ):** ସମାସିଂହା ଗ୍ରାମର ବରିଷ୍ଠ ନାଗରିକ ଗୁରୁଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅଞ୍ଚଳର ଓବିସିମାନଙ୍କୁ ନେଇ ପଞ୍ଚାୟତସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାସିଂହା ପଞ୍ଚାୟତ ଅଧୀନ



ସମାସିଂହା, ବେଲମୁଣ୍ଡା, ଭୋଗରାପାଲି, କୁଲିଡା ଓ ସମାସିଂହା ଆଦି ଅଞ୍ଚଳର ବହୁ ସଂଖ୍ୟକ ସଭ୍ୟ ଯୋଗଦେଇଥିଲେ। ବୈଠକରେ ପଞ୍ଚାୟତସ୍ତରୀୟ ଏକ ୧୧ ଜଣିଆ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବରେ ଅଗ୍ରିଆ ସମାଜର ବିଜୟ କୁମାର ନାଏକ, ସମ୍ପାଦକ ଶୁଣ୍ଢି ସମାଜର ସୁରେଶ କୁମାର ସାହୁ, ଉପ-ସଭାପତି ତେଲି ସାମାଜର ଜିତେନ କୁମାର ସାହୁ, ସହ ସମ୍ପାଦକ ମାଲି ସମାଜର ଓମପ୍ରକାଶ ଠାକୁର, କୋଷାଧ୍ୟକ୍ଷ ଖରରା ସମାଜର ମୋହନ ସାହୁ, ସହ କୋଷାଧ୍ୟକ୍ଷ ଗଉଡ ସମାଜର ବଳରାମ ପରୁଆ, ସଭ୍ୟ କୁମ୍ଭାର ସମାଜର ପିତାମ୍ବର ରଣା, ଭଣ୍ଡାରୀ ସାମାଜର ଅବନୀ ପଶାୟତ, କୁଲିତା ସମାଜର ହରେଶ ପଧାନ, ଅଗ୍ରିଆ ସମାଜର ଶିବାନନ୍ଦ ପଟେଲ, ତେଲି ମହାଜନ ସମାଜର ପ୍ରକାଶ କୁମାର ସାହୁଙ୍କୁ ଚୟନ କରାଯାଇ କମିଟି ଗଠନ କରାଯାଇଛି। ବୈଠକରେ ପୂର୍ବତନ ସରପଞ୍ଚ ତୁଳାରାମ ସେନାପତି, ତୁଳେଶ୍ୱର ପଟେଲ, ଚେତାନନ୍ଦ ପଟେଲ, ଯୋଗେଶ୍ୱର ସେନାପତି, କିଶୋର ଚନ୍ଦ୍ର ସାହୁ, ଭିଷ୍ମଦେବ ପଟେଲ, ପ୍ରକାଶ କୁମାର ସାହୁ, ଦଶରଥ ପଟେଲ, ତ୍ରିନାଥ ଠାକୁର, ସରୋଜ ପଟେଲ ଓ ଲୋକନାଥ ପଟେଲ ପ୍ରମୁଖ ଓବିସି ମଞ୍ଚର ଆଭିମୁଖ୍ୟ କୁନେଇ ଉଦ୍‌ବୋଧନ ଦୋଇଥିଲେ। ଏହା ସହିତ ନୂତନ ଭାବରେ ନିର୍ବାଚିତ ହୋଇଥିବା କର୍ମକର୍ତ୍ତା ମଧ୍ୟ ତାଙ୍କର ଉଦ୍‌ବୋଧନରେ ମଞ୍ଚର ବିକାଶ ନିମନ୍ତେ ସମର୍ପିତ ଭାବରେ କାର୍ଯ୍ୟକରିବା ସହିତ ସମାଜର ଉନ୍ନତିକଳ୍ପେ କାର୍ଯ୍ୟକରିବାକୁ ଚେଷ୍ଟିତ ରହିବେ ବୋଲି କହିଥିଲେ।

## ଆନନ୍ଦ ଉଲ୍ଲାସରେ ଛଟ୍‌ପୂଜା ପାଳିତ

# ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ ସହ ବ୍ରତ ସମାପନ



ଦେବଗଡ଼, ୮।୧୧(ସମିସ)

ଦେବଗଡ଼ ପୌରାଞ୍ଚଳ ମୁଖ୍ୟ ବଜାରସ୍ଥିତ ଆଦର୍ଶ ପୋଖରୀରେ ଶୁକ୍ରବାର ହିନ୍ଦୀ ଭାଷାଭାଷୀ ସମ୍ପ୍ରଦାୟ ପକ୍ଷରୁ ଛଟ୍ ପର୍ବ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ଆସ୍ଥା ଓ ବିଶ୍ୱାସର ଏହି ଛଟ୍ ପର୍ବ କାର୍ତ୍ତିକ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ପାଳିତ ହୋଇଥାଏ। ଏନେଇ ବ୍ରତଧାରୀମାନେ ତିନିଦିନ ଧରି ନିର୍ଜଳା ଉପବାସ ରହି ଗୁରୁବାର ସନ୍ଧ୍ୟାରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ। ଶୁକ୍ରବାର ପ୍ରତ୍ୟୁଷରେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ ସହ ବ୍ରତର ସମାପନ କରିଥିଲେ। ଲୋକକଥା ଅନୁଯାୟୀ, ସୂର୍ଯ୍ୟ ପତ୍ନୀ ଉଷା ଓ ପ୍ରତ୍ୟୁଷାଙ୍କ ଉଦ୍ଦେଶ୍ୟରେ ଏହି ଆରାଧନା କରାଯାଉଥିବା ବେଳେ ଏହି ବ୍ରତ ପାଳନ କରୁଥିବା ବ୍ରତଧାରୀଙ୍କୁ ମନୋବାଞ୍ଛିତ ଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି। ବାଉଁଶ ନିର୍ମିତ କୁଲାରେ ଆଖୁ, ପାନପତ୍ର, ଗୁଆ ପଇଡ଼ ଓ ଫଳ ସହ ଅଟା ନିର୍ମିତ ବିଶେଷ ପ୍ରସାଦ ଠେକୁଆ ଭୋଗ ଏହି ପର୍ବର ମୁଖ୍ୟ ଆକର୍ଷଣ। ଛଟ୍ ପର୍ବ ଉପଲକ୍ଷେ ଆଦର୍ଶ ପୋଖରୀ ଚତୁଃପାର୍ଶ୍ୱକୁ ସଫାସୁତୁରା କରାଯିବା ସହ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ଛଟ୍ ପର୍ବ ସଙ୍ଗୀତ ସହ ଧୂପଦୀପ ବାସ୍ନା ଉକ୍ତ ଅଞ୍ଚଳରେ ଭକ୍ତିମୟ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା।

## ଇବ୍ ନଦୀ କୂଳରେ ପୂଜାର୍ଚ୍ଚନା

**ଝାରସୁଗୁଡ଼ା/ବ୍ରଜରାଜନଗର:** ବ୍ରଜରାଜନଗର ପୌର ପରିଷଦ ଅଞ୍ଚଳରେ ବସବାସ କରୁଥିବା ବିହାରର ୧୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଧୁମଧାମରେ ଛଟ୍ ପୂଜା ପାଳନ କରିଛନ୍ତି। ଗୁରୁବାର ଅପରାହ୍ଣ ଓ ଶୁକ୍ରବାର ସକାଳୁ ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ପ୍ରଦାନ କରି ଇବନଦୀ କୂଳ ତଥା ସେହି ଅଞ୍ଚଳର ଅନ୍ୟାନ୍ୟ ଜଳାଶୟରେ ଛଟ୍ ପୂଜା କରିଥିଲେ। ଗୁରୁବାର ସନ୍ଧ୍ୟାରେ ଅସ୍ତଗାମୀ ସୂର୍ଯ୍ୟଙ୍କ ପୂଜାର୍ଚ୍ଚନା ବେଳେ ନିୟମ ଓ ନିଷ୍ଠାରେ ବ୍ରତ ରଖିଥିବା ମହିଳା ଓ ପୁରୁଷ ଅପରାହ୍ଣ ୪ଟା ସମୟରେ ସ୍ଥାନୀୟ ଇବନଦୀ କୂଳ ସହିତ ମଣ୍ଡଳିଆ, ରାମଗଡ଼, ଇବ୍ ପିଟ ପୋଖରୀ ସହ ସହରର ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା କରିଥିଲେ। ଶୁକ୍ରବାର ସକାଳୁ ସୂର୍ଯ୍ୟ ଉଦୟ ସମୟରେ ପୁଣିଯାଇ ବ୍ରତଧାରୀମାନେ ଉଦୀୟମାନ ସୂର୍ଯ୍ୟଙ୍କ ପୂଜାର୍ଚ୍ଚନା କରିଥିଲେ। ଉଭୟ ଅସ୍ତଗାମୀ ଓ ଉଦୀୟମାନ ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ପରିବାରର ସମସ୍ତ ସଦସ୍ୟ ବ୍ୟାଧି ମୁକ୍ତ ହେବାର ବିଶ୍ୱାସ ରହିଥିବାରୁ ବ୍ରତଧାରୀମାନେ ବ୍ରତ ପାଳନ କରୁଥିବା ମତପ୍ରକାଶ କରିଛନ୍ତି। ବ୍ରଜରାଜନଗରର ସ୍ଥାନୀୟ ଛଟ୍ ପୂଜା କମିଟି ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଇବ୍‌ନଦୀ କୂଳ ସହିତ ଅନ୍ୟାନ୍ୟ ଜଳାଶୟରେ ଅନେକ ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ପୂଜା ଦେଖିବାକୁ ହଜାର ହଜାର ଜନସାଧାରଣଙ୍କ ସମାଗମ ମଧ୍ୟ ଦେଖିବାକୁ ମିଳିଥିଲା। ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା।



## ମହିଳାଙ୍କ ଆତ୍ମହତ୍ୟା

**ଦେବଗଡ଼, ୮।୧୧(ସମିସ):** ପୌରାଞ୍ଚଳର ମ୍ୟୁନିସିପାଲିଟି ସାହିରେ ଶୁକ୍ରବାର ଜଣେ ମହିଳା ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ସ୍ୱର୍ଗତ ହେମନ୍ତ ସାହୁଙ୍କ ସ୍ତ୍ରୀ ସୁକାନ୍ତି ସାହୁ(୪୯)। ଖବରପାଇ ଦେବଗଡ଼ ଥାନା ପୁଲିସ ଶବ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ସୁକାନ୍ତି କିଛିଦିନ ହେବ ମାନସିକ ଚାପଗ୍ରସ୍ତ ରହୁଥିବାବେଳେ ଶୁକ୍ରବାର ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ସକାଳେ ସୁକାନ୍ତି ବହୁ ସମୟ ଘରର କବାଟ ନ ଖୋଲିବାରୁ ତାଙ୍କ ସାନ ଯାଆ ତାଙ୍କର ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ଏନେଇ ତାଙ୍କ ପରିବାର ଲୋକ ପୁଲିସକୁ ସୂଚନା ଦେଇଥିଲେ।

## ଅପହୃତା ନାବାଳିକା ଉଦ୍ଧାର; ଜଣେ ଗିରଫ



**ଦେବଗଡ଼, ୮।୧୧(ସମିସ):** ନାବାଳିକାକୁ ଅପହରଣ ଅଭିଯୋଗରେ ଲଇମୁରା ଥାନା ପୁଲିସ ଶୁକ୍ରବାର ଅଭିଯୁକ୍ତକୁ ଗିରଫ କରିଥିବା ବେଳେ ଅପହୃତା ନାବାଳିକାକୁ ଭୁବନେଶ୍ୱରରୁ ଉଦ୍ଧାର କରିଛି। ସୂଚନାନୁଯାୟୀ, ଗତ ସେପ୍ଟେମ୍ବର ୨ ତାରିଖରେ ଲଇମୁରା ଥାନାଞ୍ଚଳରୁ ଜଣେ ୧୬ ବର୍ଷୀୟା ନାବାଳିକା ନିଖୋଜ ଥିବା ନେଇ ପରିବାର ଲୋକ ୩ ତାରିଖରେ ଲଇମୁରା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ସମୟରେ ଉକ୍ତ ନବାଳିକାକୁ ଦେବଗଡ଼ ଥାନାଞ୍ଚଳ ରଜାମୁଣ୍ଡା ସାହିର ସୁରେଶ ମୁଣ୍ଡା ଓରଫ ସୁରେନ୍ଦ୍ର ନାମକ ଯୁବକ ଅପହରଣ କରିନେଇଥିବା ପୁଲିସ ଜାଣିବାକୁ ପାଇଥିଲା। ପରେ ଅଭିଯୋଗର ପ୍ରାୟ ତିନି ମାସ ପରେ ଭୁବନେଶ୍ୱରରୁ ଅପହରଣକାରୀ ଯୁବକକୁ ଠାବ କରିବା ସହ ଅପହୃତା ନାବାଳିକାକୁ ଉଦ୍ଧାର କରିଛି। ଶୁକ୍ରବାର ଅଭିଯୁକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

# ବନ୍ଧଲି ଗ୍ରାମରେ ମାଣ୍ଡିଆ କ୍ଷେତ୍ର ଦିବସ

**ଝାରସୁଗୁଡ଼ା/କିର୍ମିରା, ୮।୧୧(ସମିସ):** ବ୍ଲକ ଅଧୀନ କିର୍ମିରା ପଞ୍ଚାୟତ ଅନ୍ତର୍ଗତ ବନ୍ଧଲି ଗ୍ରାମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ପକ୍ଷରୁ ଶ୍ରୀ ଅନ୍ନ ଅଭିଯାନ ପ୍ରକଳ୍ପ ଦ୍ୱାରା ମାଣ୍ଡିଆ




କ୍ଷେତ୍ର ଦିବସ ଓ ଫସଲ କଟା ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମର ଚାଷୀ ଭାଇଭଉଣୀ ଓ ସ୍ୱୟଂ ସହାୟକ ଦଳର ସଦସ୍ୟମାନେ ଭାଗ ନେଇଥିଲେ। ଏଥିରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେବକ'ର ଅତିରିକ୍ତ ବ୍ଲକ ସଂଯୋଜକ ରାକେଶ ଚୌବେ ସ୍ୱାଗତ କରିଥିଲେ। ସହକାରୀ କୃଷି ଅଧିକାରୀ ଲକ୍ଷ୍ମୀପ୍ରିୟା ସାହୁ, କିର୍ମିରା ଲାମ୍ପ୍‌ସ ସମ୍ପାଦକ ଶରତ କୁମାର ପଟେଲ, ଶ୍ରୀ ଅନ୍ନ ଅଭିଯାନ ବ୍ଲକ ସଂଯୋଗଜକ ଠଣସୁନ୍ଦର ଗନ୍ଧା ଓ ଶୁଭମ ପୃସେଟ ଉପସ୍ଥିତ ଥିଲେ। ଅଧିକାରୀଙ୍କ ତତ୍ତ୍ୱାବଧାନରେ ଚାଷୀ ସୁଧୀର କୁମାର ନାଏକଙ୍କ ଚାଷ ଜମିରେ ମାଣ୍ଡିଆ ଫସଲ କଟା ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ ସହକାରୀ କୃଷି ଅଧିକାରୀ ଲକ୍ଷ୍ମୀପ୍ରିୟା ସାହୁ ମାଣ୍ଡିଆ ଚାଷ ପ୍ରଣାଳୀ, ମାଣ୍ଡିଆ ଚାଷର ଉପକାରିତା, ଅମଳ ପଦ୍ଧତି ଓ ଯତ୍ନ ବିଷୟରେ ଆଲୋକପାତ କରିଥିଲେ। ଶରତ କୁମାର ପଟେଲ ଶ୍ରୀ ଅନ୍ନକୁ ସମସ୍ତେ ନିଜ ନିଜ ମୁଖ୍ୟ ଖାଦ୍ୟ ଥାଳିରେ ପହଞ୍ଚାଇବା ପାଇଁ ଅନୁରୋଧ କରିଥିଲେ। ଶ୍ରୀ ଅନ୍ନ ଅଭିଯାନ ପ୍ରକଳ୍ପର ସୁଭିଧା ସୁଯୋଗ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ସଂଯୋଜକ ଠଣସୁନ୍ଦର ଗନ୍ଧା ମାଣ୍ଡିଆ ବିହନ ଓ କିସମ ବିହନ ସଂଗ୍ରହ ବିଷୟରେ କହିଥିଲେ। କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ସୋମ୍ୟା ପଟେଲ, ପ୍ରତିମା ଟେଟେ, ପ୍ରୀତି ନାଏକ, ସୁସମା ଜାମଡୁଳିଆ, ଭାରତୀ କୁମୁରା, ରଞ୍ଜିତ ଗନ୍ଧା, ଡମ୍ବରୁଧର ଛୁରା, ସୌଭାଗ୍ୟ ପଟେଲ, ଗିରିଧାରୀ ଭାଇଁସା ଓ ପୂଜା ନାଏକ ପରିଚାଳନା କରିଥିଲେ।

# ଗୋହିରା ମଧ୍ୟମ ଜଳସେଚନ ପ୍ରକଳ୍ପର ଶୀର୍ଷ କମିଟି ବୈଠକ

**ଦେବଗଡ଼, ୮।୧୧(ସମିସ):** ରିଆମାଳ ବ୍ଲକର ରେଙ୍ଗାଲବେଡ଼ାରେ ଶୁକ୍ରବାର ଗୋହିରା ମଧ୍ୟମ ଜଳସେଚନ ପ୍ରକଳ୍ପର ଶୀର୍ଷ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ପର୍ଶୁରାମ ଗଡ଼ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜଳ ଉତ୍ସଗୁଡ଼ିକର ଉନ୍ନତି ଓ ନବୀକରଣ, ମାଇନର, ସବ ମାଇନର ଉନ୍ନତିକରଣ, ଫିଲଡ ଚ୍ୟାନେଲଗୁଡ଼ିକ ସମ୍ପ୍ରସାରଣ, ନିୟମିତ ଗ୍ରାଣ୍ଟଏଡ ଅର୍ଥ ପ୍ରଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ପାଣି ପଞ୍ଚାୟତଗୁଡ଼ିକକୁ ଜଳସେଚନ ବିଭାଗ ତରଫରୁ ଗୁରୁତ୍ୱ ଦିଆଯାଉନଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ସେହିପରି ବିଭିନ୍ନ ସମୟରେ ମୁଖ୍ୟ କେନାଲର ମରାମତି କରାଯାଉଥିବା ସତ୍ତ୍ୱେ



ପରବର୍ତ୍ତୀ ସମୟରେ କେନାଲଗୁଡ଼ିକର ଅବସ୍ଥା ଦୟନୀୟ ହୋଇପଡୁଥିବା ନେଇ ଅଭିଯୋଗ କରାଯାଇଛି। ଏନେଇ ଗୋହିରା ମଧ୍ୟମ ଜଳସେଚନ ପ୍ରକଳ୍ପର ବିଭିନ୍ନ ସମସ୍ୟା ନେଇ ପ୍ରକଳ୍ପ ଅଧୀନରେ ଥିବା ୧୯ ଟି ପାଣିପଞ୍ଚାୟତର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ କମିଟିର ସମ୍ପାଦକ ଜଗନ୍ନାଥ ପ୍ରଧାନ, କୋଷାଧ୍ୟକ୍ଷ ସୁନିଲ ପ୍ରଧାନଙ୍କ ସମେତ ୧୯ଟି ପାଣି ପଞ୍ଚାୟତର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷମାନେ ଉପସ୍ଥିତ ଥିଲେ।

# ଓପିଜିସି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




**ଇବଥର୍ମାଲ, ୮।୧୧(ସମିସ):** ଓପିଜିସି ଇବଥର୍ମାଲ ବନହରପାଲି ପକ୍ଷରୁ ଲଖନପୁର ବ୍ଲକ ତିଲିଆ ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ତିଲିଆ ସରପଞ୍ଚ ଗୀତାଞ୍ଜଳି ପ୍ରଧାନ ଉଦଘାଟନ କରିଥିଲେ। ଇବଥର୍ମାଲ ଡାକ୍ତରଖାନା ସିଏମଓ ଡା. ସଙ୍ଗିତା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଡା. ଆରକେ ମିଶ୍ର, ଡା.ପଲ୍ଲବୀ ଠାକୁର, ଡା. ବିଏନ୍ କସ୍ୟପ ଯୋଗଦେଇ ରୋଗୀମାନଙ୍କ ପରୀକ୍ଷା, ପରାମର୍ଶ ଓ ଔଷଧ ପ୍ରଦାନ କରିଥିଲେ। ଶିବିରକୁ ତିଲିଆ ପଞ୍ଚାୟତ ଅଧୀନ ତିଲିଆ ସମେତ ନୂଆପଡ଼ା, ଫଠାପାଲି, ତେତେଲକୁଦଲି, ଭଗବାନପାଲି, ପୁଡ଼ିପାଲି, ସିଂହେଇପାଲି, ବରଙ୍ଗାମାଲ, ଚାରମାଲ, କଣ୍ଟାଟିକ୍ରା ଓ କୋଲଟିକ୍ରା ଭଳି ୧୬ଟି ପଡ଼ା ଏବଂ ଗ୍ରାମର ମୋଟ ୪୨୫ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶିବିର ପରିଚାଳନାରେ ଓପିଜିସି ସିଏସଆର୍ ବିଭାଗ ବରିଷ୍ଠ ଅଧିକାରୀ ହିମାଂଶୁ ଭୁଷଣ ବେହେରା ଓ ତାପସ ପଣ୍ଡାଙ୍କ ସମେତ ଡାକ୍ତରଖାନାର କର୍ମଚାରୀ ସହଯୋଗ କରିଥିଲେ।

## ବେଆଇନ ଫୋଟକା ଦୋକାନରେ ଚଢ଼ଉ

**ବେଲପାହାଡ, ୮।୧୧ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଗୁମାଡେରା ମାଳିପଡ଼ାରେ ଛଟ୍ ପୂଜା ସମୟରେ ବିକ୍ରି ପାଇଁ ଖୋଲିଥିବା ଫୋଟାକା ଦୋକାନରେ ଅତର୍କିତ ଭାବେ ପୁଲିସ ଚଢ଼ଉ କରିଛି। ଚଢ଼ଉରେ ବ୍ୟାପକ ଫୋଟାକା ଜବତ କରିବାସହ ୨ଜଣଙ୍କୁ ଗିରଫ କରିଥିବାବେଳେ ପରବର୍ତ୍ତି ସମୟରେ ପୁଲିସ ନୋଟିସ ଦେଇ ସେମାନଙ୍କୁ ଛାଡ଼ି ଦେଇଛି। ସେମାନେ ହେଲେ ଅନୱର ହୁସେନ (୪୨), ରାଜେନ୍ଦ୍ର ରାଉତ (୫୭)। ଅନୱରଙ୍କ ଠାରୁ ପ୍ରାୟ ୧୫ ହଜାର ଟଙ୍କାର ଫୋଟାକା ଓ ରାଜେନ୍ଦ୍ରଙ୍କ ଠାରୁ ପ୍ରାୟ ୧୬ ହଜାର ୫୦୦ ଟଙ୍କାର ଫୋଟାକା ଜବତ କରିଛି ପୁଲିସ। ଗୁରୁବାର ସନ୍ଧ୍ୟାରେ ଗୁମାଡେରା ମାଳିପଡ଼ାସ୍ଥିତ ପୋଖରୀ ପାର୍ଶ୍ୱରେ ଚାଲିଥିବା ଛଟ୍ ପୂଜା ସମୟରେ ବେଆଇନ ଭାବେ ଫୋଟାକା ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇଥିଲା। ପୁଲିସ ଏଏସଆଇ ପଲିକାର୍ପ କୁଲୁ ଅଭିଯୋଗ ଆଧାରରେ ବେଲପାହାଡ଼ ଥାନାରେ ପୃଥକ ଭାବେ ୨ଟି ମାମଲା ରୁଜୁ କରିଛନ୍ତି। ଘଟଣାର ତଦନ୍ତ କରିବା ସହ ଗିରଫ ଉଭୟଙ୍କୁ ନୋଟିସ ପରେ ଛଡ଼ାଯାଇଥିବା ପୁଲିସ ପ୍ରକାଶ କରିଛି।

# କୋଲ୍ ୱାସରୀ ପାଇଁ ନଷ୍ଟହେଉଛି ୨ ପୌର ପରିଷଦର ପରିବେଶ

ଝାରସୁଗୁଡ଼ା, ୮।୧୧(ସମିସ)

ଧୀରେଧୀରେ ନଷ୍ଟ ହେଉଛି ଝାରସୁଗୁଡ଼ା ଜିଲ୍ଲାର ବେଲପାହାଡ଼ ଏବଂ ବ୍ରଜରାଜନଗର ପୌର ପରିଷଦର ପରିବେଶ। ଛୁଆଲିବେର୍ଣ୍ଣା ନିକଟରେ ଥିବା ଏଏଲପିଏସ୍ କୋଲ୍ ୱାସରୀରର କୋଇଲା ଗୁଣ୍ଡ ଯୋଗୁଁ ବ୍ରଜରାଜନଗର ଏବଂ ବେଲପାହାଡ଼ ପୌର ପରିଷଦ

**ଜଳ, ଜମି, ଜଙ୍ଗଲ ଓ ବାୟୁରେ ମିଶୁଛି କୋଇଲା ଗୁଣ୍ଡ**

**ଫୁସ୍‌ଫୁସ୍ ଜନୀତ ରୋଗରେ ପୀଡ଼ିତ ହେଉଛନ୍ତି ଲୋକେ**

ଅଞ୍ଚଳର ଜଳ, ଜମି, ଜଙ୍ଗଲ ଓ ବାୟୁ ପ୍ରଦୂଷିତ ହେଉଛି। କୋଇଲା ଗୁଣ୍ଡରେ କ୍ୱାର୍ଜ, ଆର୍ସେନିକ, କ୍ରୋମିୟମ, ଲିଡ୍, ମର୍କ୍ୟୁରୀ, ମିକା ଓ ପଲିସାଇକିଲିକ ଅଟୋମେଟିକ ହାଇଡ୍ରୋ କାର୍ବନ ପରି କ୍ଷତିକାରକ ଉପାଦାନ ରହିଥାଏ। ଯାହାଫଳରେ ବ୍ଲେକ ଲଙ୍ଗସ୍ ଡିଜିଜ, କ୍ରୋନିକ ଅବଷ୍ଟ୍ରକଟିଭ ପଲମୋନେରୀ ଡିଜିଜ, ଇଣ୍ଟରଟିସିଏଲ ଲଙ୍ଗସ୍ ଡିଜିଜ, ଆଜ୍‌ମା, ଫୁସଫୁସ୍ ଏବଂ ଶ୍ୱାସଜନୀତ




ଘାତକ ରୋଗ ହୋଇଥାଏ। ଏଏଲପିଏସ୍ କୋଲ୍ ୱାସରୀର କୋଇଲା ଗୁଣ୍ଡରେ କେଉଁ ସବୁ ଘାତକ ଉପାଦାନ ରହିଛି ତାହା ପ୍ରଶାସନ ଏବଂ ଜିଲ୍ଲା ପ୍ରଦୂଷଣ ବିଭାଗ ପକ୍ଷରୁ ଯାଞ୍ଚ କରିବାର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ମୁତାବକ ଏଏଲପିଏସ କୋଲ୍ ୱାସରୀ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଅଞ୍ଚଳ ବେଶ ସବୁଜ ସୁନ୍ଦର ଥିଲା। ହେଲେ ଏହି କୋଇଲା ଗୁଣ୍ଡ ଏବେ ଆଖପାଖ ଜଙ୍ଗଲ, ଜଳାଶୟ, ବାୟୁ ଓ ଚାଷ ଜମିକୁ ପ୍ରଦୂଷିତ କରିସାରିଛି। ଯାହାଫଳରେ ଲୋକେ ଶ୍ୱାସଜନୀତ ରୋଗର ଶିକାର ହେଉଥିବା ବେଳେ ଚାଷୀମାନେ ଚାଷ କାର୍ଯ୍ୟ ଛାଡ଼ିସାରିଲେଣି। ଏହାସହ ନିକଟରେ ଥିବା ଜଳାଶୟରେ ଗାଧୁଆ ପାଧୁଆ କରି ଚର୍ମ ରୋଗର ଶିକାର ହେଉଛନ୍ତି ଲୋକେ। ଅନ୍ୟପଟେ ଏହି ଏଏଲପିଏସ କୋଲ ୱାସରୀକୁ କୋଇଲା ପରିବହନ କରୁଥିବା ବଡ଼ ବଡ଼ ଭାରୀଯାନ ଯୋଗୁଁ ବେଲପାହାଡ଼ ଶନି ମନ୍ଦିରରୁ ବ୍ରଜରାଜନଗରକୁ ସଂଯୋଗ କରୁଥିବା ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଗଲାଣି। ଯାହାଫଳରେ ସ୍ଥାନୀୟ ଲୋକଙ୍କ ଯାତାୟାତରେ ବହୁ ସମସ୍ୟା ଦେଖିଦେଉଛି। ଏଏଲପିଏସ୍ କର୍ତ୍ତୃପକ୍ଷଙ୍କୁ ଏହି ରାସ୍ତାର ମରାମତି ଏବଂ ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ସ୍ଥାନୀୟ ଲୋକେ ବାରମ୍ବାର ଦାବିପତ୍ର ଦେବା ସହ ଗେଟ୍ ସମ୍ମୁଖରେ ଆନ୍ଦୋଳନ କରି ସାରିଲେଣି। ହେଲେ କର୍ତ୍ତୃପକ୍ଷ ସ୍ଥାନୀୟ ଲୋକଙ୍କ ଦାବି ଏବଂ ବିକ୍ଷୋଭକୁ ଶୁଣୁନାହାଁନ୍ତି। ଲୋକଙ୍କ ନିତ୍ୟ ବ୍ୟବହାର୍ଯ୍ୟ ଜଳଉତ୍ସ, ଜମି, ଜଙ୍ଗଲ ଓ ଫସଲ ସବୁ କିଛି ବିଷାକ୍ତ ହୋଇ ନଷ୍ଟ ହୋଇଯାଉଥିଲେ ମଧ୍ୟ କେହି ଶୁଣିବାକୁ ନାହାନ୍ତି। ଏହି ଅନ୍ୟାୟ ଓ ଅନୀତି ବିରୋଧରେ ମୁହଁ ଖୋଲିଲେ କଳ, ବଳ ଏବଂ କୌଶଳ କରି ଲୋକଙ୍କ ସ୍ୱରକୁ କର୍ତ୍ତୃପକ୍ଷ ଚାପି ଦେଉଥିବା ଅଭିଯୋଗ ହୋଇଛି। ତେଣୁ ଏଭଳି ମନମୁଖୀ କାର୍ଯ୍ୟ ଉପରେ ପ୍ରଶାସନ ଶୀଘ୍ର ରୋକ ନ ଲଗାଇଲେ, ସାଧାରଣ ଲୋକଙ୍କ ସ୍ୱରକୁ କମ୍ପାନୀ ଚାପିଦେଇ ଜମି, ଜଙ୍ଗଲ ଓ ଜଳାଶୟ ପରି ସମସ୍ତ ପ୍ରାକୃତିକ ଉତ୍ସକୁ ଧ୍ୱଂସ କରି ପକାଇବ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# କୃଷକଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ




**ଝାରସୁଗୁଡ଼ା, ୮।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅଧୀନ ମଚିଦାରେ କିଶାନକ୍ରାଫ୍ଟ ପକ୍ଷରୁ ଏକ କୃଷିମେଳା ବା କୃଷକଙ୍କ ପାଇଁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବୈଜ୍ଞାନିକ ଡ. ଅନୁଜ କୁମାର ରାୟ, ଲଖନପୁର ସହାୟକ କୃଷି ଅଧିକାରୀ ଦିବ୍ୟାଶ୍ରୀ ତ୍ରିପାଠୀ, ସୀମା କୁମାରୀ, କିଷାନକ୍ରାଫ୍ଟର ଡ. ସୁମନାଥ ହୋଲା ଏବଂ ମ୍ୟାନେଜର ସୁଧାଂଶୁ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଚାଷ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଥିଲେ। ମୁଖ୍ୟତଃ କମ ପାଣିରେ ଏବଂ ଉନ୍ନତମାନର ବିହନରେ କେମିତି ଫସଲ ଭଲ ହୋଇପାରିବ ସେ ବିଷୟରେ ଚାଷୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ବର୍ତ୍ତମାନ ସମୟରେ ବର୍ଷା ପରିମାଣ କମିବାରେ ଲାଗିଥିବା ବେଳେ ଏହାକୁ ନେଇ ସର୍ବଦା ଚାଷୀ ଭାଇ ଚିନ୍ତାରେ ରହିଥାନ୍ତି। ଏପରିକି ନୂତନ ଟେକ୍ନୋଲୋଜି ଓ ନୂତନ ପଦ୍ଧତି ଦ୍ୱାରା ଚାଷ କଲେ ଚାଷୀଭାଇ ଉପକୃତ ହୋଇପାରିବେ। ନୂତନ ଡିଡିଏସ୍‌ଆର ପଦ୍ଧତି ଦ୍ୱାରା ଚାଷ କଲେ କିପରି କମ ପାଣି ଓ କମ ଶ୍ରମିକ ଖର୍ଚ୍ଚରେ ଅଧିକ ଅମଳ ହୋଇପାରିବ ଏବଂ ଚାଷୀଭାଇ ଲାଭବାନ ହେବା ନେଇ ଏହି ତାଲିମ ଶିବିରରେ ଉପସ୍ଥିତ କୃଷକମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା।

